DSPL-298

Wildlife Odisha
ODISHA
INDIA'S BEST KEPT SECRET.
Chilika
Development Authority



# ୫ମ ଜାତୀୟ ଚିଲିକା ବିହଙ୍ଗ ଉତ୍ସବ

୬ - ୧୨ ଜାନୁୟାରୀ ୨୦୨୫



ଶ୍ରୀ ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ସ୍ଥାନ : ସମ୍ମିଳନୀ କେନ୍ଦ୍ର, ଲୋକସେବା ଭବନ

## ମୁଖ୍ୟ ଆକର୍ଷଣ

୬ ଜାନୁୟାରୀ ୨୦୨୫ରେ ଉଦ୍‌ଘାଟନ
ପକ୍ଷୀ ନିରୀକ୍ଷଣ ଏବଂ ଭ୍ରମଣ
ବିଶେଷଜ୍ଞ ଆଲୋଚନା ଏବଂ କର୍ମଶାଳା
ସଂରକ୍ଷଣ ପଦକ୍ଷେପ

## କାର୍ଯ୍ୟକ୍ରମ

**ପକ୍ଷୀ ଦର୍ଶନ**
ଚିଲିକା ଏବଂ ମଙ୍ଗଳଯୋଡ଼ି
୭ - ୮ ଜାନୁୟାରୀ ୨୦୨୫

**ଓଡ଼ିଶା ବାର୍ଡର୍ସ କନକ୍ଲେଭ**
ବରକୁଲ
୧୧ ଜାନୁୟାରୀ ୨୦୨୫

**ପକ୍ଷୀ ପଦଯାତ୍ରା**
ନନ୍ଦନକାନନ
୧୨ ଜାନୁୟାରୀ ୨୦୨୫

**ବନ୍ୟପ୍ରାଣୀ ଡକ୍ୟୁମେଣ୍ଟାରୀ ସ୍କ୍ରିନିଂ**
ଆଞ୍ଚଳିକ ପ୍ରାକୃତିକ ବିଜ୍ଞାନ ସଂଗ୍ରହାଳୟ
୭ - ୧୨ ଜାନୁୟାରୀ ୨୦୨୫

OIPR-08006/13/0002/2425



ରାଜ୍ୟ ବନ୍ୟପ୍ରାଣୀ ସଂଗଠନ
ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର

# ବିକଶିତ ଭାରତ

ପାଇଁ

## ନୂଆ ଆଞ୍ଚଳିକ ଅଭିବୃଦ୍ଧି ହବ୍‌ଗୁଡ଼ିକୁ ଭାରତୀୟ ରେଳର ପ୍ରୋତ୍ସାହନ








## ଉତ୍ତର ରେଳପଥର ନୂତନ ଜମ୍ମୁ ରେଳ ମଣ୍ଡଳ

ଏବଂ

## ଦ୍ୱୈତ ନଗରୀ ସିକନ୍ଦରାବାଦ ଓ ହାଇଦ୍ରାବାଦରେ ଚାର୍ଲାପାଲ୍ଲୀ ନୂତନ ଟର୍ମିନାଲ ଷ୍ଟେଶନର

**ଶୁଭ ଉଦ୍‌ଘାଟନ**

ଓ

## ଓଡ଼ିଶାରେ ରାୟଗଡ଼ା ରେଳ ମଣ୍ଡଳ ଭବନର

**ଭିତ୍ତିପ୍ରସ୍ତର ସ୍ଥାପନ**

ପ୍ରଧାନମନ୍ତ୍ରୀ

## ନରେନ୍ଦ୍ର ମୋଦୀଙ୍କ

ଦ୍ୱାରା

(ଭିଡିଓ କନ୍‌ଫରେନ୍ସିଂ ଜରିଆରେ)

**ଜାନୁଆରୀ ୬, ୨୦୨୫ । ସମୟ ପୂର୍ବାହ୍ଣ ୧୧.୦୦ ଘଟିକା**

### ପ୍ରମୁଖ ବୈଶିଷ୍ଟ୍ୟ

#### ଜମ୍ମୁ ରେଳ ମଣ୍ଡଳ

- ସାରା ଭାରତର ପ୍ରମୁଖ ସହର ଓ ନଗରଗୁଡ଼ିକ ଜମ୍ମୁ ଓ କଶ୍ମୀର ଅଞ୍ଚଳ ସହିତ ସଂଯୋଗୀକରଣ ସୃଷ୍ଟି, ଯାହାଦ୍ୱାରା ଏହି ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ଦାବି ପୂରଣ ହୋଇଛି ।
- ସମ୍ପୃକ୍ତ ଅଞ୍ଚଳରେ ବାଣିଜ୍ୟ, ପର୍ଯ୍ୟଟନ ଏବଂ ଅର୍ଥନୈତିକ ସୁଯୋଗକୁ ପ୍ରୋତ୍ସାହନ ଯୋଗାଇ ଏକ ଗେମ୍ ଚେଞ୍ଜର୍ ଭାବେ କାମ କରିବ ।
- ଜମ୍ମୁ ଓ କଶ୍ମୀର ଅଞ୍ଚଳ ଯଥା- ଉଧମପୁର-ଶ୍ରୀନଗର-ବାରାମୁଲା ତଥା ଲେହ ଓ ଲଦାଖ ସହ ସାରା ଭାରତର ପ୍ରମୁଖ ଗନ୍ତବ୍ୟସ୍ଥଳୀକୁ ନିରବଚ୍ଛିନ୍ନ ଭାବେ ସଂଯୁକ୍ତ କରିବା ସହିତ ଏକତା ଓ ବିକାଶକୁ ସୁଦୃଢ଼ କରିବ ।

#### ରାୟଗଡ଼ା ମଣ୍ଡଳ କାର୍ଯ୍ୟାଳୟ ଭବନ

- ଏଥିରେ ମଣ୍ଡଳ ନିୟନ୍ତ୍ରଣ କାର୍ଯ୍ୟାଳୟ, ପରିବେଶ-ଅନୁକୂଳ କର୍ମଚାରୀ ଆବାସ ଏବଂ ଆଧୁନିକ ସୁବିଧାସୁଯୋଗ ରହିଛି, ଯାହା କୋରାପୁଟ, ରାୟଗଡ଼ା ଏବଂ କଳାହାଣ୍ଡିରେ ରେଳ ସଂଚାଳନର ମାନକୁ ଉନ୍ନତ କରିବ ।
- ସାରା ଓଡ଼ିଶାରେ ରେଳ ପ୍ରବନ୍ଧନକୁ ସୁସଂଗଠିତ କରିବା ସହ ସଂଚାଳନଗତ ଦକ୍ଷତାକୁ ବୃଦ୍ଧି କରିବ ।
- ବିକଶିତ ଭାରତ ପାଇଁ ସଂଯୋଗୀକରଣକୁ ସୁଦୃଢ଼ କରିବ, ବିକାଶକୁ ତ୍ୱରାନ୍ୱିତ କରିବ ଏବଂ ଦକ୍ଷିଣ ଓଡ଼ିଶାର ଆଦିବାସୀବହୁଳ ଅଞ୍ଚଳରେ ଅର୍ଥନୈତିକ ପ୍ରଗତିକୁ ପ୍ରୋତ୍ସାହିତ କରିବ ।

#### ତେଲଙ୍ଗାନାରେ ଚାର୍ଲାପାଲ୍ଲୀ ନୂତନ ରେଳ ଟର୍ମିନାଲ

- ଦ୍ୱୈତ ସହରରେ ଚାର୍ଲାପାଲିଠାରେ ଏକ ବିଶ୍ୱସ୍ତରୀୟ, ପରିବେଶ-ଅନୁକୂଳ ଟର୍ମିନାଲ ଯାହା ଶ୍ରେଷ୍ଠ ସ୍ତରର ସୁବିଧା ଯୋଗାଇବ ।
- ସିକନ୍ଦରାବାଦ, ହାଇଦ୍ରାବାଦ ଏବଂ କାଚେଗୁଡ଼ାରେ ବିଦ୍ୟମାନ ଟର୍ମିନାଲଗୁଡ଼ିକ ଉପରେ ଚାପକୁ ହ୍ରାସ କରିବ ।
- ନୂଆ ଟ୍ରେନ୍‌ଗୁଡ଼ିକର ଚଳାଚଳକୁ ସୁବିଧାଜନକ କରିବା ସହିତ ତେଲଙ୍ଗାନା ଓ ନିକଟବର୍ତ୍ତୀ ଅଞ୍ଚଳର ଜନସାଧାରଣଙ୍କ ପାଇଁ ସଂଯୋଗୀକରଣକୁ ଉନ୍ନତ କରିବ ।

### ଗରିମାମୟ ଉପସ୍ଥିତି

**ଡା. ହରି ବାବୁ କମ୍ଭମପତି**
ରାଜ୍ୟପାଳ, ଓଡ଼ିଶା

**ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଅଶ୍ୱିନୀ ବୈଷ୍ଣବ**
କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ

**ଭି. ସୋମାନ୍ନା**
କେନ୍ଦ୍ର ରେଳ ଏବଂ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ

**ରଭନୀତ ସିଂହ**
କେନ୍ଦ୍ର ରେଳ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ରାଷ୍ଟ୍ରମନ୍ତ୍ରୀ

**ସପ୍ତଗିରି ଶଙ୍କର ଉଲାକା**
ସାଂସଦ

**ବଳଭଦ୍ର ମାଝୀ**
ସାଂସଦ

**ଅନୀତା ଶୁଭଦର୍ଶିନୀ**
ସାଂସଦ

**ପ୍ରଦୀପ ପାଣିଗ୍ରାହୀ**
ସାଂସଦ

**ସୁକାନ୍ତ ପାଣିଗ୍ରାହୀ**
ସାଂସଦ

**ମାଳବିକା ଦେବୀ**
ସାଂସଦ

କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ DD NEWS ରେ




୫।୧।୨୦୨୫

| | |
|---|---|
| ୬,୮୩,୯୫୧ ଟଙ୍କା | |
| ସୁନା | ୦.୫୫୦ ଗ୍ରାମ୍ |
| ରୁପା | ୨୩.୫୦୦ ଗ୍ରାମ୍ |

# ନିୟୋଜିତ ହେବେ ୨୮ ପ୍ଲାଟୁନ ଫୋର୍ସ

ପୁରୀ,୫।୧ (ଅଜିତ୍ କୁମାର ମହାନ୍ତି)

ଚଳିତ ମାସ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରଠାରେ ପ୍ରବାସୀ ଭାରତୀୟ ଦିବସ ଅନୁଷ୍ଠିତ ହେବାକୁ ଯାଉଛି। କାର୍ଯ୍ୟକ୍ରମ ଭୁବନେଶ୍ୱରରେ ହେଉଥିଲେ ମଧ୍ୟ ପ୍ରବାସୀ ଭାରତୀୟମାନେ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲିବାର କାର୍ଯ୍ୟକ୍ରମ ରହିଛି। ତେଣୁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଅପରପକ୍ଷରେ ପୋଲିସ ପ୍ରଶାସନ ପକ୍ଷରୁ ମଧ୍ୟ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଏନେଇ ରବିବାର ସନ୍ଧ୍ୟାରେ ଏସ୍‌ପି ଭିନୀତ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ପୋଲିସ ଲାଇନ୍ ପଡ଼ିଆରେ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଛି।

ଏନେଇ ଏସ୍‌ପି ଅଗ୍ରୱାଲ ସୂଚନା ଦେଇ କହିଛନ୍ତି, ୮ରୁ ୧୦ ତାରିଖ ଯାଏ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ପ୍ରବାସୀ ଭାରତୀୟ କାର୍ଯ୍ୟକ୍ରମରେ ବିଭିନ୍ନ ଦେଶରୁ ପ୍ରବାସୀ ଭାରତୀୟମାନେ ଆସୁଛନ୍ତି। ଅନେକ ପ୍ରବାସୀ ପୁରୀ ଆସିବାର କାର୍ଯ୍ୟକ୍ରମ ରହିଛି। ପ୍ରବାସୀ ଭାରତୀୟଙ୍କ ପୁରୀ ଗସ୍ତକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷପର୍ଯ୍ୟାୟରେ ପହଞ୍ଚିଛି। ସେମାନେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବା ସହ କୋଣାର୍କ, ରାମଚଣ୍ଡୀ, ସାତପଡ଼ା, ଐତିହ୍ୟ ଗ୍ରାମ ରଘୁରାଜପୁର, ବ୍ଲୁ ଫ୍ଲାଗ୍ ବିଚ୍ ଏବଂ ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲି ଦେଖିବେ। ଏନେଇ ଆସନ୍ତା ୭ ତାରିଖଠାରୁ ୧୦ ତାରିଖ ପର୍ଯ୍ୟନ୍ତ ଦିଗବାରେଣୀ ଛକଠାରୁ ଷ୍ଟର୍ଲିଙ୍ଗ ରିସର୍ଟ ଛକ ପର୍ଯ୍ୟନ୍ତ ନୋ ଭେହିକିଲ୍ ଜୋନ୍ ଘୋଷଣା କରାଯାଇଛି।

ଅପରପକ୍ଷରେ ପ୍ରଶାସନ ପକ୍ଷରୁ ବିଚ୍ ଫେଷ୍ଟିଭାଲ ମଧ୍ୟ ବେଳାଭୂମିରେ ଅନୁଷ୍ଠିତ ହେବ। ସେହିଭଳି ୯ରେ ସମୁଦ୍ର ଆଳତି ହେବାର କାର୍ଯ୍ୟକ୍ରମ ରହିଛି। ସମୁଦ୍ର ଆଳତି ନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସମସ୍ତ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବା ସହ ଫୋର୍ସ ମୁତୟନ କରାଯିବ। ସୁରକ୍ଷା ଦୃଷ୍ଟିରୁ ୨୮ ପ୍ଲାଟୁନ ୨ ସେକ୍ସନ ଫୋର୍ସ ମୁତୟନ ହେବ। ୪ ଅତିରିକ୍ତ ଏସ୍‌ପି, ୧୫ ଡିଏସ୍‌ପି, ୪୮ ଇନ୍ସପେକ୍ଟର, ୧୬୩ ସବ୍‌ଇନ୍ସପେକ୍ଟର, ଅତିରିକ୍ତ ସବ୍‌ଇନ୍ସପେକ୍ଟର, ୧୨ ହାବିଲ୍‌ଦାର, ୨୬୧ କନଷ୍ଟେବଲ, ୧୬ ଟ୍ରେନି ହାବିଲ୍‌ଦାର୍ ମୁତୟନ ରହିବେ। ୩୫୨ ହୋମଗାର୍ଡ ମଧ୍ୟ ମୁତୟନ ରହିବେ। ଯାତ୍ରିକା ଓ ନୀଳାଚଳ ଅଶୋକରେ ପାର୍କିଂ ବ୍ୟବସ୍ଥା କରାଯାଇଛି। ପୁରୀ ପୋଲିସ ପକ୍ଷରୁ ରବିବାର ଠାରୁ ଚେକିଂକୁ କଡ଼ାକଡ଼ି କରାଯାଇଛି। ପୁରୀର ବିଭିନ୍ନ ପ୍ରବେଶ ପଥ ଏବଂ ବିଭିନ୍ନ ଛକଗୁଡ଼ିକରେ ପୋଲିସ ପକ୍ଷରୁ ବ୍ଲକିଂ କରାଯାଇ ଗାଡ଼ିଗୁଡିକ ଯାଞ୍ଚ କରାଯାଉଛି।


ପ୍ରବାସୀ ଭାରତୀୟଙ୍କ ଆଗମନ ପାଇଁ ପୋଲିସ ପକ୍ଷରୁ ପ୍ରସ୍ତୁତି ବୈଠକ ।

**ପ୍ରବାସୀ ଭାରତୀୟଙ୍କ ଗସ୍ତ ନେଇ ପୋଲିସ ପ୍ରଶାସନର ବ୍ୟାପକ ବ୍ୟବସ୍ଥା**

## ସଂକ୍ଷେପରେ

### ଟ୍ରାକ୍ ଆଣ୍ଡ ଫିଲ୍ଡର କ୍ରୀଡ଼ା ପ୍ରତିଭା ଅନ୍ୱେଷଣ

ଚାରିଛକ, ୫।୧ (ଶିଶିର ସ୍ୱାଇଁ)

ପୁରୀ ଜିଲା ନିମାପଡ଼ା ବ୍ଲକ ଅଧୀନ ଛଣିଜଙ୍ଗ ପଞ୍ଚାୟତର ଲଙ୍କପଡ଼ା ଖେଳପଡ଼ିଆରେ ଟ୍ରାକ୍ ଆଣ୍ଡ ଫିଲ୍ଡ ତରଫରୁ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳର ପ୍ରତିଭାଙ୍କୁ ସାମ୍ନାକୁ ଆଣି କ୍ରୀଡ଼ା କ୍ଷେତ୍ରରେ ପ୍ରତିଷ୍ଠିତ କରିବା ହିଁ ଉକ୍ତ କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ବୋଲି ଟ୍ରାକ୍ ଆଣ୍ଡ ଫିଲ୍ଡର ମୁଖ୍ୟ ପ୍ରଶିକ୍ଷକ କଳିଙ୍ଗ ପ୍ରସାଦ ନାୟକ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଏମ୍‌ପିଙ୍କ ସ୍ଥାନୀୟ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ସରପଞ୍ଚ ଅଜୟ ପରିଡ଼ା, ୱାର୍ଡ ସଭ୍ୟ ରବି ଭୋଇ, ତୁଳସୀପୁର ପିଇଟି ଶିକ୍ଷୟିତ୍ରୀ ଏଲିନା ଖୁଣ୍ଟିଆ, ଟ୍ରାକ୍ ଆଣ୍ଡ ଫିଲ୍ଡର ସମ୍ପାଦକ ସନ୍ତୋଷ କୁମାର ଦାସ ପ୍ରମୁଖ ଉଦ୍‌ଘାଟନ କରିଥିଲେ। ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଚାରିଛକ, ଗୋପ, କୋଣାର୍କ, ନୟାହାଟ, କାକଟପୁର, ଅସ୍ତରଙ୍ଗ, ପିପିଲି ଅଞ୍ଚଳରୁ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଭାଗ ନେଇଥିଲେ। ଶେଷରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଚାରିଛକ ଥାନା ଅଧିକାରିଣୀ ମମତା ବିଶ୍ୱାଳ, ସରପଞ୍ଚ ଅଜୟ କୁମାର ପରିଡ଼ା, ଟ୍ରାକ୍ ଆଣ୍ଡ ଫିଲ୍ଡର ସମ୍ପାଦକ ସନ୍ତୋଷ କୁମାର ଦାସ, ମୁଖ୍ୟ ପ୍ରଶିକ୍ଷକ କଳିଙ୍ଗ ପ୍ରସାଦ ନାୟକ, ସାମାଜିକ କର୍ମୀ ଟୁଲୁ ମଲ୍ଲିକ ପ୍ରମୁଖ ବିଜେତା କ୍ରୀଡ଼ାବିତ୍‌ମାନଙ୍କୁ ପଦକ ସହିତ ମାନପତ୍ର ପ୍ରଦାନ କରିଥିଲେ।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

ନିମାପଡ଼ା,୫।୧ (ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ଗଡ଼ଅଣ୍ଡିଆସ୍ଥିତ ବସନ୍ତ ବିହାର ପରିସରରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୪ତମ ବାର୍ଷିକୋତ୍ସବ ଶନିବାର ପାଳିତ ହୋଇଯାଇଛି। ବିଶିଷ୍ଟ ଅତିଥି ଭାବେ ଏମ୍‌ପି ବିଭୁପ୍ରସାଦ ତରାଇ, ମୁଖ୍ୟଅତିଥି ଭାବେ ଶିକ୍ଷା ଓ ଅନୁସନ୍ଧାନ ଭୁବନେଶ୍ୱରର ଡିନ୍ ଡ. ଜ୍ୟୋତିରଞ୍ଜନ ଦାଶ, ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତି ଓଡ଼ିଶା ପୁରୀ ଜିଲା ପ୍ରମୁଖ ସୁଦର୍ଶନ ମିଶ୍ର, ସମ୍ମାନିତ ଅତିଥି ଭାବେ ଏଆଇଆଇଏମ୍‌ଏସ୍ ଭୁବନେଶ୍ୱରର ଡ. ପ୍ରଭାସ ରଞ୍ଜନ ତ୍ରିପାଠୀ, ଶିଶୁ ବିଦ୍ୟାମନ୍ଦିରର ପରିଚାଳନା ସମିତି ସଭାପତି ନିର୍ମଳ ମିଶ୍ର, ପରିଚାଳନା ସମିତି ସମ୍ପାଦକ ରମେଶଚନ୍ଦ୍ର ସ୍ୱାଇଁ, ବିଦ୍ୟାମନ୍ଦିର ପ୍ରଧାନାଚାର୍ଯ୍ୟ ସଞ୍ଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାମନ୍ଦିରକୁ ଭୂମି ଦାନ କରିଥିବା ପୂର୍ବତନ ଏମ୍‌ପି ସ୍ୱର୍ଗତ ଭବାନୀ ଚରଣ ପଟ୍ଟନାୟକଙ୍କ ପୁତ୍ର ସୁଭାଷ ଚନ୍ଦ୍ର ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ପୁରୀରେ ଡବଲ୍ ଡେକର୍ ବସ୍‌ର ଟ୍ରାଏଲ ରନ୍



ପୁରୀ,୫।୧ (ଅଜିତ୍ କୁମାର ମହାନ୍ତି)

ଆସନ୍ତା ୮ ତାରିଖରୁ ୩ ଦିନ ବ୍ୟାପୀ ଭୁବନେଶ୍ୱରରେ ପ୍ରବାସୀ ଭାରତୀୟ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ପ୍ରବାସୀ ଭାରତୀୟଙ୍କ ପରିଭ୍ରମଣ ପାଇଁ ସରକାରଙ୍କ ପକ୍ଷରୁ ଡବଲ୍ ଡେକର୍ ବସ୍‌ର ବ୍ୟବସ୍ଥା କରାଯାଉଛି। ଭୁବନେଶ୍ୱରଠାରେ ସମ୍ମିଳନୀ ଆୟୋଜିତ ହେଉଥିଲେ ମଧ୍ୟ ପ୍ରବାସୀ ଭାରତୀୟମାନେ ପୁରୀର ବିଭିନ୍ନ ସ୍ଥାନ ଭ୍ରମଣ କରିବାର କାର୍ଯ୍ୟକ୍ରମ ରହିଛି। ତେଣୁ ମୁମ୍ବାଇରୁ ଆସିଥିବା ଡବଲ୍ ଡେକର୍ ବସ୍‌ର ଟ୍ରାଏଲ ରନ୍ ରବିବାର ପୁରୀରେ କରାଯାଇଛି। ବସ୍ ଭୁବନେଶ୍ୱରରୁ ପୁରୀ ଅଭିମୁଖେ ଆସି ମାଳତୀପାଟପୁର ବସ୍‌ଷ୍ଟାଣ୍ଡଠାରେ ପହଞ୍ଚିଥିଲା। ସେଠାରୁ କଡ଼ା ସୁରକ୍ଷା ମଧ୍ୟରେ ମାଳତୀପାଟପୁରଠାରୁ ଟ୍ରାଏଲ୍ ରନ୍ ଆରମ୍ଭ କରି ଶ୍ରୀସେତୁ ଦେଇ ଶ୍ରୀଜଗନ୍ନାଥ ବଲ୍ଲଭ ପିଲିଗ୍ରିମ୍ ସେଣ୍ଟର (ଜେବିପିସି)ରେ ବସ୍ ପହଞ୍ଚିଥିଲା। ପରେ ଶ୍ରୀସେତୁ ଦେଇ ମଙ୍ଗଳାଘାଟ ଛକ ଦେଇ ଷ୍ଟର୍ଲିନ୍ ଛକ, ସମୁଦ୍ରକୂଳ ଦେଇ ସୁଭାଷ ବୋଷ ଛକରେ ପହଞ୍ଚିଥିଲା। ସେଠାରୁ ପ୍ରତ୍ୟାବର୍ତ୍ତନ କରି ଷ୍ଟର୍ଲିନ୍, ମଙ୍ଗଳାଘାଟ ଛକ ଦେଇ ଶେଷରେ ସମଙ୍ଗ ପାର୍କିଂରେ ବସ୍‌ଟି ରହିଥିଲା। ପ୍ରବାସୀ ଭାରତୀୟଙ୍କୁ ପରିଭ୍ରମଣ କରାଇବା ସହ ସୁଖଦ ଅନୁଭୂତି ଦେବାକୁ ଏହି ଡବଲ୍ ଡେକର୍ ବସ୍ ପୁରୀ ସମେତ କୋଣାର୍କ, ସାତପଡ଼ାକୁ ଯାତ୍ରା କରିବ। ଏହି ବସ୍‌ରେ ସମୁଦାୟ ୬୬ଟି ସିଟ୍ ରହିଥିବାବେଳେ ପ୍ରବାସୀ ଭାରତୀୟଙ୍କ ସେଫ୍ଟି ଏବଂ ସିକ୍ୟୁରିଟି ଉପରେ ଧ୍ୟାନ ଦିଆଯାଇଛି। ପୁରୀ ପରିବହନ ଅଧିକାରୀ ରବିନ ପଟ୍ଟନାୟକ କହିଛନ୍ତି, ପ୍ରବାସୀ ଭାରତୀୟଙ୍କ ଯାତ୍ରା ନିମନ୍ତେ ବସ୍ ଆସିଛି।

## ଗଡ଼ ଚାନ୍ଦପୁର ପ୍ରିମିୟର କ୍ରିକେଟ: ଗୋକନ ଟିମ୍ ଚାମ୍ପିଅନ୍

ବଳଙ୍ଗା,୫।୧ (କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅନ୍ତର୍ଗତ ଗଡ଼ଚାନ୍ଦପୁରୁ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ମେଳଣ ପଡ଼ିଆରେ ଆଠଦିନ ଧରି ଚାଲିଥିବାବେଳେ ରବିବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଆଜିର ମ୍ୟାଚ୍ ମହାଦେବ ନିଉ ଷ୍ଟାର୍ ଗୋକନ ଓ ପାୱାର ୧୧ ବାଲିଘାଇ କ୍ରିକେଟ ଟିମ୍ ମଧ୍ୟରେ ହୋଇଥିଲା। ମହାଦେବ ନିଉ ଷ୍ଟାର୍ ଗୋକନ ଟିମ୍ ପ୍ରଥମେ ୧୬ ଓଭର ଖେଳି ସମସ୍ତ ଉଇକେଟ ହରାଇ ୧୬୭ ରନ କରିବାକୁ ସକ୍ଷମ ହୋଇଥିଲା। ଏହାର ଜବାବରେ ପାୱାର ୧୧ ବାଲିଘାଇ ପରାଜୟ ହୋଇଥିଲା। ଫାଇନାଲ୍ ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ବିଜେଡି ନେତା ସୁବ୍ରତ ଛାଟୋଇ, ମୁଖ୍ୟବକ୍ତା ଗଙ୍ଗାଧର ଜେନା, ବ୍ରଜବନ୍ଧୁ ଜେନା ପ୍ରମୁଖ ଅତିଥିଭାବ ଯୋଗ ଦେଇଥିଲେ। ପ୍ରଥମ ବିଜେତାଙ୍କୁ ୧୨ ହଜାର ଟଙ୍କା ଏବଂ ରନରଅପ୍ ଦଳକୁ ୮ ହଜାର ଟଙ୍କା ସହ କପ୍ ପ୍ରଦାନ କରାଯାଇଥିଲା। ଏହି ଟୁର୍ନାମେଣ୍ଟକୁ ବିହାରୀ ସ୍ୱାଇଁ, ଅଶୋକ ପରିଡ଼ା, ସୁମନ୍ତ ଶେଖର ରାୟ ଓ ସୌମ୍ୟରଞ୍ଜନ ଜେନା ପରିଚାଳନା କରିଥିଲେ।

## ଜିମ୍ ଗୃହ ଉଦ୍‌ଘାଟିତ

ପୁରୀ,୫।୧ (ଅଜିତ୍ କୁମାର ମହାନ୍ତି)

ମାର୍କଣ୍ଡେଶ୍ୱର ସାହିସ୍ଥିତ ପାଣ୍ଡ ଜାଗା ପରିସରରେ ଥିବା ପୁରାତନ ଜିମ୍ ଘର ଭଙ୍ଗାଯାଇ ଏକ ନୂତନ ଗୃହ ନିର୍ମାଣ କରାଯାଇ ଉଦ୍‌ଘାଟନ କରାଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ପୂର୍ବତନ କାଉନ୍‌ସିଲର ଭକ୍ତ ଚରଣ ଦାସ, ରବି ଦାସ, ରବି ଶଙ୍କର ପ୍ରତିହାରୀ, ରାମ ଦାସ ମହାପାତ୍ର ପ୍ରମୁଖ ଯୋଗଦେଇ ନୂତନ ଗୃହକୁ ଫିତା କାଟି ଶୁଭାରମ୍ଭ କରିଥିଲେ। ଏହାର କ୍ରୀଡ଼ାବିତ୍‌ମାନେ ଜାତୀୟସ୍ତରରେ ସୁନାମ ହାସଲ କରିଛନ୍ତି। କାର୍ଯ୍ୟକ୍ରମରେ ପାଣ୍ଡ ଜାଗାର ସଭାପତି ତ୍ରିଲୋଚନ ପ୍ରଧାନ, ସମ୍ପାଦକ ବିଜୟ କୁମାର ସ୍ୱାଇଁ, ବିଦ୍ୟାଧର ବେହେରା, ପୂର୍ଣ୍ଣଚନ୍ଦ୍ର ପଲେଇ, ମୁନା ରାଉତରାୟ ପ୍ରମୁଖ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

# ଜଗନ୍ନାଥ ସମଗ୍ର ବିଶ୍ୱର ମାର୍ଗଦର୍ଶକ

ପୁରୀ,୫।୧ (ଅଜିତ୍ କୁମାର ମହାନ୍ତି)

**କ୍ଷେତ୍ରାଧିପତି ଆଧ୍ୟାତ୍ମିକ ଜ୍ୟୋତିର୍ବାସ୍ତୁ ଗବେଷଣା ପ୍ରତିଷ୍ଠାନର ଦ୍ୱିତୀୟ ବାର୍ଷିକ ଉତ୍ସବ**

କ୍ଷେତ୍ରାଧିପତି ଜ୍ୟୋତିର୍ବାସ୍ତୁ ଗବେଷଣା ପ୍ରତିଷ୍ଠାନ ଆନୁକୂଲ୍ୟରେ ପୁରୀର ପୁସ୍ତକ ମେଳା ମଞ୍ଚରେ ଶରଧାବାଲିଠାରେ ଦ୍ୱିତୀୟ ବାର୍ଷିକ ଉତ୍ସବ, 'କ୍ଷେତ୍ରାଧିପତି ପୁସ୍ତକ ଓ ପଞ୍ଜିକା' ସହିତ 'ଶ୍ରୀଜଗନ୍ନାଥ ଓ ଶ୍ରୀକ୍ଷେତ୍ର' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ଅଧ୍ୟକ୍ଷ ଡ. ବଳରାମ ଦାଶଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଡ. ଶଙ୍କରାନନ୍ଦ ସରସ୍ୱତୀ କହିଛନ୍ତି, ଜଗନ୍ନାଥ ସମଗ୍ର ବିଶ୍ୱର ତଥା ସନାତନ ସଂସ୍କୃତିର ମାର୍ଗଦର୍ଶକ। ମୁଖ୍ୟବକ୍ତା ଭାବେ ଡ. ସିଦ୍ଧେଶ୍ୱର ମହାପାତ୍ର ଏବଂ ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଶାସକ ବିନୋଦ କୁମାର ପଣ୍ଡା, ଅନାମ ଚନ୍ଦ୍ର ସାହୁ, ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶ, ସାମାଜିକ କର୍ମୀ ମନୋଜ ରଥ, ନାରାୟଣ ନନ୍ଦ ଯୋଗଦେଇ ଶ୍ରୀଜଗନ୍ନାଥ ଓ ଶ୍ରୀକ୍ଷେତ୍ରର ପଞ୍ଚତୀର୍ଥ, ପୁରୁଷୋତ୍ତମଙ୍କ ରହସ୍ୟ, ନୀଳସୁନ୍ଦର ନୀଳଗିରି ତଥା ନୀଳାଚଳ ଧାମର ମାହାତ୍ମ୍ୟ ଓ ଜଗନ୍ନାଥ ପରମ ରହସ୍ୟମୟ ବୋଲି କହିଥିଲେ। ଅନୁଷ୍ଠାନର ସମ୍ପାଦକ ଦୟାନିଧି ପଣ୍ଡା ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ। ଅଭିଲିପ୍‌ସା ଦାଶ, ଦିବ୍ୟାଂଶୀ ମହାପାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ଗୀତାରାଣୀ ମହାପାତ୍ର, ଡାକ୍ତର ଗୋପାଳ କୃଷ୍ଣ କର, ପ୍ରାଧ୍ୟାପକ ଡ. ନିତ୍ୟାନନ୍ଦ ମିଶ୍ର, ଶିକ୍ଷକ ରମାକାନ୍ତ କର, ଅଧ୍ୟାପକ ନବ କୁମାର ପଣ୍ଡା, ଅରୁଣିମା ନନ୍ଦ, ଡ. ପ୍ରତାପ କର, ସାମାଜିକ କର୍ମୀ ଜୟନ୍ତୀ ମହାପାତ୍ର, କବୟିତ୍ରୀ ପ୍ରତିଭା ତ୍ରିପାଠୀ, ବିଜୟଲକ୍ଷ୍ମୀ ସାହୁ, ସୌମ୍ୟରଞ୍ଜନ ଦାଶଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଜୟ ସେନାପତି, ଚାରୁଲତା ମିଶ୍ରଙ୍କୁ ଫଟୋଚିତ୍ର ଦେଇ ସମ୍ମାନିତ କରାଯାଇଥିଲା। ଶେଷରେ ପ୍ରବଚକ ଦଣ୍ଡପାଣି ମହାପାତ୍ର ଧନ୍ୟବାଦ ଦେଇଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ରୁବେକା


@ ବାସୁଦେବ


@ ଶୁଭେନ୍ଦୁ


@ ପ୍ରଳୟ


@ ସୌଭାଗ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପକ୍ଷୀ ଶିକାର ଦମନ ପାଇଁ ଶପଥ ନେଲେ ମତ୍ସ୍ୟଜୀବୀ

ଅସ୍ତରଙ୍ଗ,୫।୧ (ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

**ଦେବୀନଦୀ ମୁହାଣରେ ଜାତୀୟ ପକ୍ଷୀ ଦିବସ**

ପୁରୀ ଜିଲା ଅସ୍ତରଙ୍ଗ ଦେବୀନଦୀ ମୁହାଣ ଅଞ୍ଚଳରେ ଜାତୀୟ ପକ୍ଷୀ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ଟ୍ରଷ୍ଟ, ଗୋବିନ୍ଦ ତ୍ରିପାଠୀ ସ୍ମୃତି ପରିଷଦ ଏବଂ ଅଲ୍ ଓଡ଼ିଶା ଓସାନ ଇଞ୍ଜିନିୟରିଂ ଆସୋସିଏଶନ୍ ପୁରୀ ଶାଖାର ସମ୍ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। ଝାଡ଼ଲିଙ୍ଗ ଗ୍ରାମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ଲୁଣା ଜଙ୍ଗଲ ସଂରକ୍ଷଣ କାର୍ଯ୍ୟକ୍ରମ ସଂଯୋଜକ ପିଣ୍ଟୁ ପାତ୍ର, ଦେବୀ ନଦୀ ମୁହାଣ ଅଞ୍ଚଳର ସ୍ଥାନୀୟ ଏବଂ ବିଦେଶୀ ପକ୍ଷୀଙ୍କ ବିବିଧତା, ପକ୍ଷୀ ସଂରକ୍ଷଣର ଆବଶ୍ୟକତା ଏବଂ ପକ୍ଷୀ ଶିକାର ଦମନ ସମ୍ପର୍କରେ ମତ୍ସ୍ୟଜୀବୀଙ୍କୁ ବୁଝାଇ ଥିଲେ। ପୁରୀ ଇଞ୍ଜିନିୟରିଂ ଆସୋସିଏଶନ ମୁଖ୍ୟ ଗୋପାଳ ବେହେରା ଏଥିରେ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ନିୟନ୍ତ୍ରଣରେ ପକ୍ଷୀମାନଙ୍କ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିସହିତ ଆର୍ଦ୍ରଭୂମି ଅଞ୍ଚଳର ପରିବେଶ ସୁରକ୍ଷାର ଆବଶ୍ୟକତା ଉପସ୍ଥାପିତ କରି ସମସ୍ତଙ୍କୁ ପକ୍ଷୀ ଶିକାର ଦମନ କରିବାକୁ ଜଣାଇଥିଲେ। କାର୍ଯ୍ୟକ୍ରମରେ ମତ୍ସ୍ୟଜୀବୀ ସମୁଦାୟ ପକ୍ଷୀ ସଂରକ୍ଷଣର ଶପଥ ଗ୍ରହଣ କରି ଦେବୀ ନଦୀ ମୁହାଣରେ ପକ୍ଷୀମାନଙ୍କୁ ସୁରକ୍ଷା ଦେବା ଓ ପକ୍ଷୀ ଶିକାର ଦମନ ପାଇଁ ପ୍ରତିବଦ୍ଧ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଅସ୍ତରଙ୍ଗ, କାକଟପୁର, ସତ୍ୟବାଦୀ ସହ ଅନ୍ୟାନ୍ୟ ବିଭିନ୍ନ ବ୍ଲକର ଇଞ୍ଜିନିୟରିଂ ଆସୋସିଏଶନ କର୍ମକର୍ତ୍ତା ଏବଂ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ। ଟ୍ରଷ୍ଟ ପକ୍ଷରୁ ରାଜେଶ କୁମାର ସାହୁ, ସୁମନ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର କାଣ୍ଡି ପ୍ରମୁଖ ପରିଚାଳନା କରିଥିଲେ।




# ଆଲ୍‌ଫା ସ୍ପୋର୍ଟିଂ ବ୍ରହ୍ମପୁର ଚାମ୍ପିୟନ

କାକଟପୁର/ଅସ୍ତରଙ୍ଗ,୫।୧ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

**୩୫ତମ ରାଜ୍ୟସ୍ତରୀୟ ମଙ୍ଗଳା କପ୍**

କାକଟପୁର ହାଇସ୍କୁଲ ପଛପଡ଼ିଆରେ ୩୫ତମ ମଙ୍ଗଳା କପ୍ ଫାଇନାଲ୍ ମ୍ୟାଚରେ ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର ବନାମ ଆଲ୍‌ଫା ସ୍ପୋର୍ଟିଂ ବ୍ରହ୍ମପୁର ପରସ୍ପରକୁ ଭେଟିଥିଲେ। ପ୍ରଥମେ ଟସ୍ ଜିତି ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର ନିର୍ଦ୍ଧାରିତ ୨୫ ଓଭରରେ ୮ ଉଇକେଟ ହରାଇ ୨୦୯ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅଭିଷେକ ନାଥ ୫୨ ରନ୍, କୃଷ୍ଣଚନ୍ଦ୍ର ବାରିକି ୪୦ ରନ୍ କରିଥିଲେ। ଆଲ୍‌ଫା ସ୍ପୋର୍ଟିଂ ବ୍ରହ୍ମପୁର ପକ୍ଷରୁ ପିଣ୍ଟୁ ମହାପାତ୍ର, ଅଭିଜିତ ହୋତା, ଅଭିଜିତ ପଟ୍ଟନାୟକ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଏହାର ଜବାବରେ ଆଲ୍‌ଫା ସ୍ପୋର୍ଟିଂ ବ୍ରହ୍ମପୁର ନିର୍ଦ୍ଧାରିତ ୨୪ ଓଭରରେ ୨୧୩ ରନ୍ କରି ବିଜୟୀ ହୋଇଥିଲା। ଆଲ୍‌ଫା ସ୍ପୋର୍ଟିଂ ବ୍ରହ୍ମପୁର ପକ୍ଷରୁ ରୋହିତ ସାଗର ଅପରାଜିତ ୬୮ ବଲରୁ ୧୩୫ ରନ୍ ସଂଗ୍ରହ କରିଥିବା ବେଳେ ସେଥିମଧ୍ୟରେ ୧୧ଟି ଛକା ଓ ୮ଟି ଚୌକା ମାରିଥିଲେ। ଏହା ସହ ଦଳ ପକ୍ଷରୁ ସୁଦର୍ଶନ ସ୍ୱାଇଁ ୩୮ରନ୍ କରିଥିବା ବେଳେ ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର ତରଫରୁ ଏମ୍ ଗୌତମ ୨ଟି ଉଇକେଟ ନେଇଥିଲେ। ଯାହାକି ଚଳିତ ବର୍ଷ ୩୫ତମ ମଙ୍ଗଳା କପ୍ ବିଜେତା ଆଲ୍‌ଫା ସ୍ପୋର୍ଟିଂ ବ୍ରହ୍ମପୁରକୁ ଟ୍ରଫି ସହ ୪୧,୪୪୧ ଟଙ୍କା ଓ ରନରଅପ୍ ଦଳ ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱରକୁ ୨୧,୨୨୧ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଫାଇନାଲ୍ ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ସମ୍ମାନିତ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ସୁଭାଶିଷ ଖୁଣ୍ଟିଆ, ପୁରୀ ଜିଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ବଣିକ ଶିକ୍ଷାନୁଷ୍ଠାନର ସିଇଓ ସୁବ୍ରତ କୁମାର ଛାଟୋଇ, ଜଗତ୍‌ସିଂହପୁର ଏମ୍‌ପିଙ୍କ ଜିଲା ପ୍ରତିନିଧି ସୁଦର୍ଶନ ସ୍ୱାଇଁ, କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, କିଷାନ ଚନ୍ଦ୍ର ପଣ୍ଡା, ମଙ୍ଗଳା ମହାବିଦ୍ୟାଳୟ ଅଧ୍ୟକ୍ଷ ବିନୋଦ ବିହାରୀ ବେହୁରା ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ବ୍ରହ୍ମପୁରର ରୋହିତ ସାଗର ମ୍ୟାନ୍ ଅଫ୍ ଦି ମ୍ୟାଚ ଓ ମ୍ୟାନ୍ ଅଫ୍ ଦି ସିରିଜ୍ ହୋଇଥିବା ବେଳେ ରାମେଶ୍ୱର ସ୍ପୋର୍ଟିଂ ତରଫରୁ ଶ୍ରେୟଂଶ କୁମାର ବେଷ୍ଟ ବ୍ୟାଟସ ମ୍ୟାନ ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍ୱୀକୃତିପ୍ରାପ୍ତ ଅଭିଜ୍ଞ ଖେଳ ପରିଚାଳକ ନିର୍ମଳ କୁମାର ମିଶ୍ର ଓ ଅୟସକାନ୍ତ ମିଶ୍ର ଖେଳ ପରିଚାଳନା କରିଥିଲେ। କ୍ଲବ ସଭାପତି ପ୍ରଦୀପ୍ତ କୁମାର ଦୀକ୍ଷିତ, ଭାଗବତ ସ୍ୱାଇଁ, କୁମାର ଭବାନୀ ପ୍ରମୁଖ ଧାରା ବିବରଣୀ ପ୍ରଦାନ କରିଥିଲେ। ମଙ୍ଗଳା କ୍ଲବର ସଦସ୍ୟଙ୍କ ମଧ୍ୟରେ ଉପଦେଷ୍ଟା ରାକେଶ ପଟ୍ଟନାୟକ, ଉପସଭାପତି ତୁଷାର ରଞ୍ଜନ ଦୀକ୍ଷିତ, ସମ୍ପାଦକ ଶୁଭ୍ରାଂଶୁ ଦୀକ୍ଷିତ, ସୂର୍ଯ୍ୟକାନ୍ତ ଦୀକ୍ଷିତ, କୁନାଲ ଦାସ, ଶ୍ୟାମ ସୁନ୍ଦର ରଣା ପ୍ରମୁଖ ଉପସ୍ଥିତ ଥିଲେ।



## ଚୋରି ଅଭିଯୋଗରେ ୨ ଗିରଫ

ଖୁଣ୍ଟୁଣୀ,(ସଚ୍ଚିଦାନନ୍ଦ ପଣ୍ଡା): ଚୋରି ଅଭିଯୋଗରେ ଖୁଣ୍ଟୁଣୀ ପୋଲିସ ୨ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜଗତପୁର ପାଉବଜାର ଅଞ୍ଚଳର ମିର୍ଜା ଅଲ୍ଲା ବେଗ(୩୦) ଓ ମଙ୍ଗଳାବାଗ ଥାନା କେଶରପୁର ଅଞ୍ଚଳର ମହମ୍ମଦ ରଫିକ୍ (୫୯)। ଖୁଣ୍ଟୁଣୀ ବସଷ୍ଟାଣ୍ଡ ପାର୍ଶ୍ୱରେ ଥିବା ଏକ ଫାର୍ମ ହାଉସ୍‌ରୁ ଅଭିଯୁକ୍ତ ଦ୍ୱୟ ଶନିବାର ରାତିରେ ଆଲୁମିନିୟମ କେବୁଲ ଚୋରିକରି ଯାଉଥିଲେ। ଫାର୍ମହାଉସ୍ କର୍ମଚାରୀ ଏହା ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଚୋରି ଆଲୁମିନିୟମ କେବୁଲ ଜବତ କରିଥିଲା। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ଲୋକଙ୍କ ପାଇଁ କାମ କଲେ ସଫଳତା ମିଳିବ: ପ୍ରଭାତ

**ଚୌଦ୍ୱାର,୫।୧(ଆଶୁତୋଷ ଦାସ):** ଚୌଦ୍ୱାର ବିଜୁ ଓ ଛାତ୍ର ଜନତା ଦଳ ପକ୍ଷରୁ ସ୍ଥାନୀୟ ପୌର ଟାଉନ୍ ହଲ୍‌ଠାରେ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ସାରଦା ରଞ୍ଜନ ପରିଜାଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ କହିଛନ୍ତି, କର୍ମୀମାନେ ଲୋକଙ୍କ ଘରକୁ ଯାଇ ସେମାନଙ୍କ ସମସ୍ୟା ବୁଝିବା ସହ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାନ୍ତୁ। ବିଶେଷକରି ଲୋକଙ୍କ ପାଇଁ କାମ କଲେ ଆଗାମୀ ଦିନରେ ସଫଳତା ମିଳିବ ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, ପ୍ରେମଚାନ୍ଦ ନାୟକ, କାର୍ଯ୍ୟକାରୀ ସଭାପତି ବିମଲ କୁମାର ବେଉରା, ଭରତ ଚନ୍ଦ୍ର ସାହୁ , ସୁବ୍ରତ ସାମଲ, ଦିଲୀପ ସାହୁ, ବିଜୟ କୁମାର ସାହୁ, ଅର୍ଜୁନ ପଣ୍ଡା, ତୀର୍ଥାନନ୍ଦ ସୁବୁଦ୍ଧିରାୟ, ମହିଳା ସଭାନେତ୍ରୀ କବିତା ଲେଙ୍କା ଯୋଗଦେଇଥିଲେ।

# ପକ୍ଷୀ ଶିକାର ଦମନ ପାଇଁ ଶପଥ ନେଲେ ମତ୍ସ୍ୟଜୀବୀ




**ଅସ୍ତରଙ୍ଗ,୫।୧ (ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)**

ପୁରୀ ଜିଲା ଅସ୍ତରଙ୍ଗ ଦେବୀନଦୀ ମୁହାଁଣ ଅଞ୍ଚଳରେ ଜାତୀୟ ପକ୍ଷୀ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ଟ୍ରଷ୍ଟ, ଗୋବିନ୍ଦ ତ୍ରିପାଠୀ ସ୍ମୃତି ପରିଷଦ ଏବଂ ଅଲ୍ ଓଡ଼ିଶା ଓସାନ ଇଞ୍ଜିନିୟରିଂ ଆସୋସିଏଶନ୍ ପୁରୀ ଶାଖାର ସମ୍ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। ଝାଡ଼ଲିଙ୍ଗ ଗ୍ରାମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ଲୁଣା ଜଙ୍ଗଲ ସଂରକ୍ଷଣ କାର୍ଯ୍ୟକ୍ରମ ସଂଯୋଜକ ପିଣ୍ଟୁ ପାତ୍ର, ଦେବୀ ନଦୀ ମୁହାଣ ଅଞ୍ଚଳର ସ୍ଥାନୀୟ ଏବଂ ବିଦେଶୀ ପକ୍ଷୀଙ୍କ ବିବିଧତା, ପକ୍ଷୀ ସଂରକ୍ଷଣର ଆବଶ୍ୟକତା ଏବଂ ପକ୍ଷୀ ଶିକାର ଦମନ ସମ୍ପର୍କରେ ମତ୍ସ୍ୟଜୀବୀଙ୍କୁ ବୁଝାଇ ଥିଲେ। ପୁରୀ ଇଞ୍ଜିନିୟରିଂ ଆସୋସିଏଶନ ମୁଖ୍ୟ ଗୋପାଳ ବେହେରା ଏଥିରେ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ନିୟନ୍ତ୍ରଣରେ ପକ୍ଷୀମାନଙ୍କ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିସହିତ ଆର୍ଦ୍ରଭୂମି ଅଞ୍ଚଳର

### ଦେବୀନଦୀ ମୁହାଣରେ ଜାତୀୟ ପକ୍ଷୀ ଦିବସ

ପରିବେଶ ସୁରକ୍ଷାର ଆବଶ୍ୟକତା ଉପସ୍ଥାପିତ କରି ସମସ୍ତଙ୍କୁ ପକ୍ଷୀ ଶିକାର ଦମନ କରିବାକୁ ଜଣାଇଥିଲେ। କାର୍ଯ୍ୟକ୍ରମରେ ମତ୍ସ୍ୟଜୀବୀ ସମୁଦାୟ ପକ୍ଷୀ ସଂରକ୍ଷଣର ଶପଥ ଗ୍ରହଣ କରି ଦେବୀ ନଦୀ ମୁହାଁଣରେ ପକ୍ଷୀମାନଙ୍କୁ ସୁରକ୍ଷା ଦେବା ଓ ପକ୍ଷୀ ଶିକାର ଦମନ ପାଇଁ ପ୍ରତିବଦ୍ଧ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଅସ୍ତରଙ୍ଗ, କାକଟପୁର, ସତ୍ୟବାଦୀ ସହ ଅନ୍ୟାନ୍ୟ ବିଭିନ୍ନ ବ୍ଲକର ଇଞ୍ଜିନିୟରିଂ ଆସୋସିଏସନ କର୍ମକର୍ତ୍ତା ଏବଂ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ। ଟ୍ରଷ୍ଟ ପକ୍ଷରୁ ରାଜେଶ କୁମାର ସାହୁ, ସୁମନ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର କାଣ୍ଡି ପ୍ରମୁଖ ପରିଚାଳନା କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବାସୁଦେବ



@ ପ୍ରଳୟ



@ ରୁବେକା



@ ସୌଭାଗ୍ୟ



@ ଶୁଭେନ୍ଦୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପୁରାତନ ଛାତ୍ରୀଛାତ୍ରଙ୍କ ବୈଠକ

**ସାଲେପୁର,୫।୧(ଅରବିନ୍ଦ ଭୂୟାଁ):** ନୂତନ ବର୍ଷର ଉପଲକ୍ଷେ ସାଲେପୁର ହାଇସ୍କୁଲର ୧୯୯୯ ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଏକ ବୈଠକ ସହ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ବୈଠକରେ ପୁରାତନ ଛାତ୍ରୀଛାତ୍ରମାନେ ଏକତ୍ରିତ ହୋଇ ନିଜ ମଧ୍ୟରେ ଭାବ ବିନିମୟ କରିବା ସହ ଅଭୁଲା ସ୍ମୃତିକୁ ବଖାଣି ଥିଲେ। ପରେ ବିଦ୍ୟାଳୟ ପରିସରକୁ ସଫେଇ କରିବା ସହ ପରିବେଶ ସୁରକ୍ଷା ପାଇଁ ଚାରାରୋପଣ କରିଥିଲେ। ପୁରାତନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ପ୍ରଭୁପାଦ କର, ରାମାକାନ୍ତ ସାହୁ, ଯଯାତେନ୍ଦୁ ବେହେରା, ଗୌତମ କର, ବିଶ୍ୱରଞ୍ଜନ ରାଉତ,ସଞ୍ଜୟ କେତନ ବିଶ୍ୱାଳ, ଅରୁଣ ଦାସ ପ୍ରମୁଖ ଯୋଗ ଦେଇଥିଲେ।

# ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଇସ୍ତଫା ଦାବି କଲା ଭୀମ ଆର୍ମି



**ନିଶ୍ଚିନ୍ତକୋଇଲି,୫।୧ (ଅଶୋକ କୁମାର ମହାପାତ୍ର):** କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ସନ୍ନିକଟ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ତଳେ ରାଜ୍ୟ ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ, ସଂଖ୍ୟାଲଘୁର ମିଳିତ କ୍ରିୟାନୁଷ୍ଠାନ କମିଟି ଏବଂ ଭୀମ ଆର୍ମି ଭାରତ ଏକତା ମିଶନର କର୍ମୀ ମିଳିତ ହୋଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଇସ୍ତଫା ଦାବି କରିଛନ୍ତି। ସମ୍ବିଧାନ ପ୍ରଣେତା ବାବା ସାହେବ ଡ. ଭୀମରାଓ ଆମ୍ବେଡକରଙ୍କ ବିରୋଧରେ ଶାହା କଟୁ ମନ୍ତବ୍ୟ ଦେଇଥିବା ଅଭିଯୋଗ କରି ଏଭଳି ପ୍ରତିବାଦ କରାଯାଇଥିବା କୁହାଯାଇଛି। ଏନେଇ ଆୟୋଜିତ ପ୍ରତିବାଦ ସଭାରେ ବଟକୃଷ୍ଣ ବେହେରା ସଭାପତିତ୍ୱ କରି ଶାହା ଓ ଭାଜପା କଟୁ ସମାଲୋଚନା କରିଥିଲେ। ଶାହାଙ୍କ ଇସ୍ତଫା ଦାବିରେ ଦେଶ ବ୍ୟାପୀ ଜନ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାମଚନ୍ଦ୍ର ମଲିକ, ପ୍ରତାପ ଚନ୍ଦ୍ର ଗୋଚ୍ଛାୟତ, ଲକ୍ଷ୍ମୀଧର ଜେନା,କରୁଣାକର ସାମଲ ପ୍ରମୁଖ ସାମିଲ ହୋଇଥିଲେ।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ: ସ୍ୱାମୀ ଗିରଫ

**ନିଶ୍ଚିନ୍ତକୋଇଲି,୫।୧ (ଅଶୋକ କୁମାର ମହାପାତ୍ର)**

କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଧୀନ ଜିଗ୍ନିପୁର ପଞ୍ଚାୟତ ଅନ୍ତର୍ଗତ ମହାଜନପୁର ଗ୍ରାମରେ ବନ୍ଦନା ଅର୍ଚ୍ଚନା ସ୍ୱାଇଁ(୩୪)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ସ୍ୱାମୀ ନିରଞ୍ଜନ ଲେଙ୍କାଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ଶିଶୁଆ ଜେଲକୁ ପଠାଇ ଦିଆଯାଇଛି। ପ୍ରାୟ ୧୭ ବର୍ଷ ତଳେ ନିରଞ୍ଜନ ଲେଙ୍କାଙ୍କ ସହ ବୈଦିକ ରୀତିରେ ବନ୍ଦନାଙ୍କ ବିବାହ ହୋଇଥିଲା। ଗତ କିଛି ଦିନ ହେଲା ତାଙ୍କ ପରିବାରରେ ବିଭିନ୍ନ କାରଣରୁ ଅଶାନ୍ତି ଲାଗି ରହିଥିଲା। ଏଥିରେ ମାନସିକ ଭାରସାମ୍ୟ ହରାଇ ବନ୍ଦନା ଶୁକ୍ରବାର ରାତିରେ ରଶିଲଗାଇ ଝୁଲିପଡ଼ିଥିବା ଅଭିଯୋଗରେ ଦର୍ଶାଯାଇଛି। ଏନେଇ ବାପା ଶିଶିର ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା ନଂ. ୩/୨୫ ରୁଜୁ କରିଥିଲା।

# ସଞ୍ଜୟ ଶତପଥୀ ଥିଲେ ଦାର୍ଶନିକ ସମ୍ରାଟ



**କଟକ,୫।୧(କାର୍ତ୍ତିକ ସାହୁ):** ମା’ ମାଣିକେଶରୀ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଓ ଜଗନ୍ନାଥ ସଂସ୍କୃତି ବିଶାରଦ ପ୍ରଫେସର ସଞ୍ଜୟ କୁମାର ଶତପଥୀ ଜଣେ ଦାର୍ଶନିକ ସମ୍ରାଟ ଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପୂର୍ବ ଛାତ୍ରାବାସ ପୁରାତନ ଛାତ୍ର ସଂସଦ, ରାଷ୍ଟ୍ରୀୟ ସେବା ଯୋଜନା ପକ୍ଷରୁ ବିଶ୍ୱବିଦ୍ୟାଳୟରେ ଆୟୋଜିତ ସ୍ମୃତିଚାରଣ ସଭାରେ ବକ୍ତାମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଏହା କହିଛନ୍ତି। ଡ. ସହଦେବ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଡ. ବିକଳି ଚରଣ ଦାସ ସଂଯୋଜନା କରିଥିଲେ। ଡ. ଗୌରୀଶଙ୍କର ସାହୁ, ଡ. ଶରତ ରାଉତ, ପ୍ରଫେସର କିଶୋର କୁମାର ଦାସ, ପ୍ରଫେସର ତୁଷାରକାନ୍ତ ପାଣି, ଆଡଭୋକେଟ ସୌଭାଗ୍ୟ ସ୍ୱାଇଁ, ଡ. ସିଦ୍ଧାର୍ଥ ଭରଦ୍ୱାଜ, ପ୍ରଫେସର ସୁଦର୍ଶନ ମିଶ୍ର, ଡ. ନେତାଜୀ ଅଭିନନ୍ଦନ ପ୍ରମୁଖ ସ୍ମୃତିଚାରଣ କରିଥିଲେ।

# ତାଳବରକୋଟକୁ ହରାଇ ସେମିରେ କିଆଁଝର

**ଟିଗିରିଆ,୫।୧(ଜାଫର ଖାଁ):** ଟିଗିରିଆ ବ୍ଲକ ଅନ୍ତର୍ଗତ ସୋମପଡାସ୍ଥିତ ଖେଳପଡ଼ିଆରେ ଲିଟିଲ ଷ୍ଟାର କ୍ରିକେଟ କ୍ଲବ ଦାରା ଆୟୋଜିତ ସୁରେଶ ସ୍ମାରକୀ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ତାଳବରକୋଟ କ୍ରିକେଟ କ୍ଲବକୁ ୧୬ ରନରେ ପରାସ୍ତ କରି କିଆଁଝର କ୍ରିକେଟ କ୍ଲବ ଢେଙ୍କାନାଳ ସେମିଫାଇନାଲରେ ପ୍ରବେଶ କରିଛି। କିଆଁଝର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ୍ ହରାଇ ୨୧୩ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଗିରିଶ ନାୟକ ସର୍ବାଧିକ ୩୧ ବଲରେ ୬୧ ରନ କରିଥିଲେ। ବୋଲିଂରେ ତାଳବରକୋଟ ତରଫରୁ ଦିଲୀପ ଜେନା ୪ ଓଭରରେ ୩୩ ରନ ବିନିମୟରେ ୩ ଉଇକେଟ୍ ଦାଖଲ କରିଥିଲେ। ଜବାବରେ ତାଳବରକୋଟ ୨୦ ଓଭରରେ ୮ଉଇକେଟ୍ ହରାଇ ୧୯୭ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ତରଫରୁ ସୁନୀଲ ସାହୁ ସର୍ବାଧିକ ୨୪ ବଲରେ ୫୭ ରନ କରିଥିଲେ। ବୋଲିଂରେ କିଆଁଝର ତରଫରୁ ସୂର୍ଯ୍ୟକାନ୍ତ ମଲ୍ଲିକ ୨୧ ରନ ବିନିମୟରେ ୨ ଉଇକେଟ୍ ନେଇଥିଲେ। ଗିରିଶ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ସନାତନ ପଣ୍ଡା, ସମ୍ମାନିତ ଅତିଥିଭାବେ ବିକାଶ ପ୍ରଧାନ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିବା ସହ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।




# ବିଜ୍ଞାନ ପ୍ରଚାର ସମିତିର ବାର୍ଷିକ ଉତ୍ସବ

**କଟକ,୫।୧(କାର୍ତ୍ତିକ ସାହୁ)**

ବିଜ୍ଞାନ ପ୍ରଚାର ସମିତିର ୭୫ତମ ବାର୍ଷିକ ଉତ୍ସବ ଓ ଡ. ପ୍ରିୟତମା ଦେଓ ସ୍ମାରକୀ ବକ୍ତୃତା ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବକ୍ତୃତା କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଡ. ଦେବୀପ୍ରସାଦ ମିଶ୍ରଙ୍କୁ ପ୍ରଫେସର ଗୋକୁଳାନନ୍ଦ ମହାପାତ୍ର ସମ୍ମାନ ଓ ମୁଖ୍ୟବକ୍ତା ପ୍ରଫେସର ଡ. ଶମିତା ମହାପାତ୍ରଙ୍କୁ ଡାକ୍ତର ଗୋପାଳ ଚନ୍ଦ୍ର ପଟ୍ଟନାୟକ ସ୍ମାରକୀ ବକ୍ତୃତା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ପୁସ୍ତକ ଉନ୍ମୋଚନ ହୋଇଥିଲା। ଏଥିସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଭାମାନଙ୍କୁ ପୁରସ୍କୃତ କରାଯାଇଥିଲା। ସଭାପତି ଡା. ନିତ୍ୟାନନ୍ଦ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଡା. ଦୀପକ ରାଜ ବିବରଣୀ ପାଠ, ଉପସଭାପତି ଡ. ସୁବାସିନୀ ଲେଙ୍କା ଅତିଥି ପରିଚୟ ପ୍ରଦାନ ଓ ଯୁଗ୍ମ ସମ୍ପାଦକ କବିତା ପାଢ଼ଶାଣୀ ଧନ୍ୟବାଦ ଦେଇଥିଲେ। ଡ. ହେମନ୍ତ କୁମାର ପରିଡ଼ା, ଅରବିନ୍ଦ କର, ଇଂ. ଧୀରେନ୍ଦ୍ର କୁମାର ବିଶ୍ୱାଳ, ନିରଞ୍ଜନ ପାତ୍ର, ଡ. ଜ୍ୟୋତିର୍ମୟୀ ଉଦ୍‌ଗାତା ଉତ୍ସବ ପରିଚାଳନା କରିଥିଲେ।

# ପ୍ରେରଣା ସାଜିଛନ୍ତି କୁନି ଶିଶୁ ପ୍ରିୟାଂଶୁ

**ବାଙ୍କୀ, ୫।୧(ଶୁଭେନ୍ଦୁ ମହାପାତ୍ର) :** ବାଙ୍କୀ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପୁର ଗ୍ରାମର ୫ ବର୍ଷର କୁନି ଶିଶୁ ପ୍ରିୟାଂଶୁ ପଣ୍ଡା ସମସ୍ତଙ୍କ ପ୍ରେରଣା ସାଜିଛନ୍ତି। ସେ ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମରୁ ଅନୁପ୍ରାଣିତ ହୋଇ ଅନାଥାଶ୍ରାମ, ବୃଦ୍ଧାଶ୍ରମ, ମନ୍ଦିର ପୂଜକ, ସଫେଇ କର୍ମଚାରୀମାନଙ୍କୁ ଖାଦ୍ୟ, ବସ୍ତ୍ର ଓ ମେଧାବୀ ଛାତ୍ର ନିବାସରେ ପାଠ୍ୟ ଉପକରଣ ପ୍ରଦାନ କରି ଆସୁଛନ୍ତି। ପିଲାଟିବେଳରୁ ସମାଜସେବା ପାଇଁ ତାଙ୍କ ମନରେ ଇଚ୍ଛା ଜାଗ୍ରତ ହୋଇଛି। ଅନାଥାଶ୍ରମ, ବୃଦ୍ଧାଶ୍ରମ କ’ଣ ଜାଣି ନ ଥିବା ପ୍ରିୟାଂଶୁ ସେଠାରେ ଜନ୍ମଦିନ ପାଳନ କରିବାକୁ ଜିଦ୍ଦି କରନ୍ତି। ଏଭଳି ସାମାଜିକ ସେବାରେ ମନ ନିବେଶ କରିବା ପାଇଁ ପ୍ରିୟାଂଶୁଙ୍କ ବାପା ପ୍ରିୟରଞ୍ଜନ ପଣ୍ଡା, ମା’ ଲିପ୍‌ସିତା ମହାପାତ୍ର , ଜେଜେ ବିଜୟ, ଜେଜ ମା’ ଗୀତାଞ୍ଜଳି ପ୍ରମୁଖ ସହଯୋଗ କରନ୍ତି। ତାଙ୍କର ଏଭଳି ସେବା ମନୋବୃତ୍ତି ପାଇଁ ଭୂତନାଥ ସାହିତ୍ୟ ସଂସଦ ଓ ସାହିତ୍ୟ ଘର ଅନୁଷ୍ଠାନ ପକ୍ଷରୁ ପ୍ରିୟାଂଶୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେ ଏବେ ଭୁବନେଶ୍ୱର ବମିଖାଲସ୍ଥିତ କିଡ୍‌ଜି ବିଦ୍ୟାଳୟ ଜୁନିୟର କେଜିରେ ଅଧ୍ୟୟନ କରୁଛନ୍ତି। ଏହି କମ୍ ବୟସରେ ପାଠପଢା ସହ ସାମାଜିକ କ୍ଷେତ୍ରରେ ଏଭଳି ସେବା ମନୋବୃତ୍ତି ପାଇଁ ପ୍ରିୟାଂଶୁ ଅନ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରେରଣା ସାଜିଛନ୍ତି ବୋଲି ବିଦ୍ୟାଳୟର ଶିକ୍ଷୟିତ୍ରୀ ଜଗଜିତ୍ କୌର କହିଛନ୍ତି। ସେ ବଡ ହେଲେ ଭାରତୀୟ ସେନା ଅଧିକାରୀ ହୋଇ ଦେଶ ସେବା କରିବେ କିମ୍ବା ପୋଲିସ ଅଧିକାରୀ ହୋଇ ଜନସେବା କରିବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି।



# ‘ସମସ୍ତଙ୍କ ଭିତରେ ଦିବ୍ୟାଲୋକ ରହିଛି’

### ଆଧ୍ୟାତ୍ମିକ ପତ୍ରିକା ଦିବ୍ୟାଲୋକ ସନ୍ଧାନେର ସ୍ୱନକ୍ଷତ୍ର ଉତ୍ସବ

**କଟକ,୫।୧(କାର୍ତ୍ତିକ ସାହୁ)**

ଆଧ୍ୟାତ୍ମିକ ପତ୍ରିକା ଦିବ୍ୟାଲୋକ ସନ୍ଧାନେର ୨୪ତମ ସ୍ୱନକ୍ଷତ୍ର ଉତ୍ସବ କଟକ ସଦର ଥାନା ଅନ୍ତର୍ଗତ ନଛିପୁରସ୍ଥିତ ଶ୍ରୀକେଦାରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପତ୍ରିକାର ସମ୍ପାଦକ ଶ୍ରୀସନ୍ନ୍ୟାସୀ ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ସନ୍ଥ ସ୍ୱାମୀ ଅଦୈତାନନ୍ଦ ସରସ୍ୱତୀ ଉଦ୍‌ଘାଟନ କରି ସମସ୍ତଙ୍କ ଭିତରେ ଦିବ୍ୟ ଆଲୋକ ଅଛି ଏବଂ ତାହାକୁ ଖୋଜିବା ପ୍ରତ୍ୟେକ ମଣିଷର ପରମ ଧର୍ମ ବୋଲି କହିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ମଧ୍ୟପ୍ରଦେଶ ମହର୍ଷି ସନ୍ଦୀପନି ବେଦ ବିଦ୍ୟା ପ୍ରତିଷ୍ଠାନର ଉପାଧ୍ୟକ୍ଷ ତଥା ବିହାରସ୍ଥିତ ରାଜେନ୍ଦ୍ର ପ୍ରସାଦ କୃଷି ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମିଶ୍ର, ମୁଖ୍ୟବକ୍ତା ଡା. କୃଷ୍ଣ କେଶବ ଷଡ଼ଙ୍ଗୀ ଓ ସମ୍ମାନିତ ଅତିଥି ଭାବେ ଶରତ କୁମାର ବିଶ୍ୱାଳ, ଶପଥ କୁମାର ମହାପାତ୍ର, ଅଭିନନ୍ଦନ ଦାସ, ବାବାଜୀ ବିଶ୍ୱନାଥ ଦାସ, ବ୍ରହ୍ମଚାରୀ ବିଶ୍ୱେଶ୍ୱର ଚୈତନ୍ୟ, ସନ୍ଥ କୃଷ୍ଣ ଦାସ, ସ୍ୱାମୀ ଭବାନୀ ଶଙ୍କର ସ୍ୱରୂପ, ସ୍ୱାମୀ ଜିଜ୍ଞାସା ନନ୍ଦ ମହାରାଜ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ସର୍ବୋଚ୍ଚ ଦିବ୍ୟାଲୋକ ସନ୍ଧାନେ ରତ୍ନ ସମ୍ମାନ ସିନେମା ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ପାଲାକାର ଡ. ଶିଶିର କୁମାର ପାଢ଼ୀ, ସାମ୍ବାଦିକ ଉପେନ୍ଦ୍ର ମହଲା, ଏସିପି ଅରୁଣ କୁମାର ସ୍ୱାଇଁ, ନିର୍ଦ୍ଦେଶକ ତଥା ପ୍ରଯୋଜକ ଅଶୋକ ପଟ୍ଟନାୟକ, ଶିକ୍ଷାବିତ୍ ଡ. ମନୋଜ କୁମାର ଦାଶ, ପଣ୍ଡିତ ପ୍ରମୋଦ କୁମାର ପଣ୍ଡା ଏବଂ ନିର୍‌ତାର ନିର୍ଦ୍ଦେଶକ ଡ. ପତିତପାବନ ମହାନ୍ତିଙ୍କ ସମେତ ଅନ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା। ସ୍ୱାମୀ ତ୍ରୈଲୋକେଶ୍ୱର ଭାରତୀ ସ୍ୱାଗତ ଭାଷଣ, ସାମ୍ବାଦିକ ରାଜେନ୍ଦ୍ର ପ୍ରସାଦ ମହାପାତ୍ର ଅତିଥି ପରିଚୟ ଏବଂ ସାମ୍ବାଦିକ ପ୍ରତାପ କେଶରୀ ପାତ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପତ୍ରିକାର ଜାନୁଆରୀ ସଂଖ୍ୟା ଉନ୍ମୋଚିତ ହୋଇଥିଲା। ପରିଚାଳନା ସମ୍ପାଦକ ଇଂ. ବିପ୍ଳବ ଦାସ, ରମେଶ ଚନ୍ଦ୍ର ପ୍ରଧାନ, କାନନ ବିହାରୀ ନାୟକ, ବିଭୂତି ତରାଇ, ଇଂ. ସେବକ ଶ୍ରୀକାନ୍ତ, ହୃଦାନନ୍ଦ ବେହେରା, ଦିଲ୍ଲୁ ମଲ୍ଲିକ, ରାମଚନ୍ଦ୍ର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ଚାଷରୁ ମୁହଁ ଫେରାଉଛନ୍ତି ଚାଷୀ

## ବିଭାଗୀୟ ଅବହେଳା, ପ୍ରାକୃତିକ ଦୁର୍ବିପାକ ଦାଉ ସାଧୁଛି

ବେଗୁନିଆ,୫।୧ (ହରପ୍ରସନ୍ନ ପଣ୍ଡା)

କୃଷି ଓ କୃଷକଙ୍କ ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରି ରୋଜଗାର ପନ୍ଥାକୁ ସଶକ୍ତୀକରଣ କରିବା ପାଇଁ ସରକାରଙ୍କ ପକ୍ଷରୁ ବର୍ଷର ବିଭିନ୍ନ ସମୟରେ ସ୍ୱତନ୍ତ୍ର ବଜେଟ ସ୍ଥିର କରାଯାଉଛି। ହେଲେ ପ୍ରାକୃତିକ ଦୁର୍ବିପାକ ଏବଂ ବିଭାଗୀୟ ଅବହେଳା ଯୋଗୁ ଚାଷରୁ ମୁହଁ ଫେରାଉଛନ୍ତି ଚାଷୀ। ଏଥିସହ କାମ ଅନ୍ୱେଷଣରେ ବାହାର ରାଜ୍ୟକୁ ଯାଉଛନ୍ତି। ଏଥିସହ ଚଳିତ ଖରିଫ ଋତୁରେ ଧାନ ଅମଳ ସମୟରେ ବର୍ଷା ଯୋଗୁ ୮୦% ପ୍ରତିଶତ ଚାଷୀଙ୍କ ଫସଲ ଜମିରେ ଉଜୁଡି ଯାଇଛି। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି।

ସୂଚନାଥାଉ କି, ୨୦୧୨ରୁ ବେଗୁନିଆ ବ୍ଲକ ଚାଷୀଙ୍କ ଫସଲ ଉପରେ ପ୍ରକୃତି ଦାଉ ସାଧୁଛି। ସ୍ୱଳ୍ପବୃଷ୍ଟି, ଅଦିନିଆ ବର୍ଷା, ସାମୁଦ୍ରିକ ଝଡ଼ ସହ ରୋଗପୋକ ଆଦି ପ୍ରାଦୁର୍ଭାବ ଲାଗିରହିଛି। ଏଭଳି ସ୍ଥିତିରେ ସରକାରୀ ସହାୟତା, ଜଳସେଚନ ଓ ବିଭିନ୍ନ ଯୋଜନାର ସୁଫଳ ନ ପାଇ ବହୁ ଚାଷୀ ଚାଷରୁ ମୁହଁ ଫେରାଇ କାମ ଅନ୍ୱେଷଣରେ ବାହାର ରାଜ୍ୟକୁ ଯାଉଛି। କେତେଜଣ ଚାଷୀ ଅନ୍ୟ ରାଜ୍ୟରେ ନିର୍ଯାତିତ ହେଉଥିଲେ ମଧ ଘରକୁ ଫେରି ଚାଷକୁ ଗୁରୁତ୍ୱ ଦେବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଏହାର ସ୍ଥାୟୀ ସମାଧାନ କ୍ଷେତ୍ରରେ କୃଷି ବିଭାଗ ପକ୍ଷରୁ କୌଣସି ପ୍ରୟାସ କରାଯାଉନାହିଁ ବୋଲି ଗତ ସମିତି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଚାଷୀଙ୍କ ହିତରେ ସରକାର ଏ ପର୍ଯ୍ୟନ୍ତ ସ୍ଥାୟୀ ଜଳସେଚନ ବ୍ୟବସ୍ଥା କଲେ ନାହିଁ। ସେହିପରି ପିଏମ୍ କିଷାନ, କାଳିଆ ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରୁ କେତେଜଣ ପ୍ରକୃତ ଚାଷୀ ବାଦ୍ ପଡ଼ିଛନ୍ତି। ଧାନ ଓ ଅଣଧାନ ଫସଲ ଉପରେ ପ୍ରାକୃତିକ ଦୁର୍ବିପାକ ପଡ଼ିଲେ କ୍ଷତିଗ୍ରସ୍ତ ଚାଷୀ ଚୟନ କରାଯାଇ ସହାୟତା ଯୋଗାଇ ଦିଆଯାଏ। ହେଲେ ପୂର୍ବରୁ ଘଟିଥିବା ସାମୁଦ୍ରିକ ଝଡ଼ 'ଜୱାଦ' ସହାୟତାରୁ ପ୍ରାୟ ୩୦ ପ୍ରତିଶତ ଚାଷୀ ବାଦ୍ ପଡ଼ିଥିଲେ। ତେବେ ଏଭଳି ସମସ୍ତ ଅସୁବିଧାର ସମ୍ମୁଖୀନ ହୋଇ ଚାଷରୁ ମୁହଁ ଫେରାଇଥିବା ଚାଷୀଙ୍କ ନିକଟତର ହୋଇପାରୁନାହିଁ କୃଷି ବିଭାଗ ବୋଲି ସମିତି ସଭ୍ୟମାନେ ଦାବି ଉଠାଇଥିଲେ। ଅନ୍ୟପକ୍ଷରେ ଗାଁକୁ ଯାଇ କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ପରାମର୍ଶ ଦିଆଯାଉନାହିଁ କି ଫସଲ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଉନି। ଆୟ ଅଧିକ ପାଇଁ ଫସଲରେ ମାତ୍ରାଧିକ ରାସାୟନିକ ସାର ବ୍ୟବହାର କରାଯାଉଛି। ଏହାଦ୍ୱାରା ମୃତ୍ତିକା ନଷ୍ଟହେବା ସହ ଶରୀରରେ ଅନେକ ରୋଗ ଦେଖାଦେଉଛି। ତେବେ ଏହାର ପ୍ରତିକାରସ୍ୱରୂପ ଜୈବିକ ସାରର ପ୍ରଣାଳୀ ଉପରେ ବିଭାଗ ପକ୍ଷରୁ ଚାଷୀଙ୍କୁ ସଚେତନ କରାଯାଉନାହିଁ ବୋଲି ସିକୋ, ଗଡ଼ମାଣତୀର, ହଜ ଆଦି ପଞ୍ଚାୟତ ସମିତି ସଭ୍ୟମାନେ ମିଳିତ ଦାବି ଉପସ୍ଥାପନ କରିଥିଲେ। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ଗଣେଶ୍ୱର ରଥ କହିଛନ୍ତି, ଚାଷୀ ଏବଂ ଚାଷ ଉପରେ ବିଭାଗ ସବୁବେଳେ ଗୁରୁତ୍ୱ ଦେଇଆସିଛି।

## ସଂକ୍ଷେପରେ

### ବ୍ରାଉନ୍‌ସୁଗାର, ଦେଶୀମଦ ଜବତ: ୨ ଗିରଫ

ଖୋର୍ଦ୍ଧା,୫।୧ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଅବକାରୀ ମୋବାଇଲ ସ୍କ୍ୱାଡ୍ ରବିବାର ଜଙ୍କିଆ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବ୍ରାଉନ୍‌ସୁଗାର ଏବଂ ଦେଶୀମଦ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ଜଙ୍କିଆ ଥାନା ଅଧୀନ ରାମେଶ୍ୱର ଓଭରବ୍ରିଜ ନିକଟରୁ ଅବକାରୀ ମୋବାଇଲ ସ୍କ୍ୱାଡ୍ ୨୭ଗ୍ରାମ ବ୍ରାଉନସୁଗର ଜବତ କରିଛି। ଏହି ଘଟଣାରେ ଅବକାରୀ ପୋଲିସ ବାଲିଗାଡିଆ ଗ୍ରାମର ମାନସ ବଳବନ୍ତରାୟଙ୍କୁ ଗିରଫ କରିଛି। ଜବତ ବ୍ରାଉନ୍‌ସୁଗାରର ମୂଲ୍ୟ ୨ଲକ୍ଷ ୭୦ହଜାର ଟଙ୍କା ହେବ। ସେହିପରି ଗଉଡିଆପଡାରେ ଅବକାରୀ ମୋବାଇଲ ସ୍କ୍ୱାଡ୍ ଚଢ଼ାଉ କରି ୮୦ଲିଟର ଦେଶୀମଦ ସହ ସ୍କୁଟି ଜବତ କରିଛି। ଏହି ଘଟଣାରେ କଲରାଝରର ବିରାଟ କେଶରୀ ବାରିକଙ୍କୁ ଗିରଫ କରିଛି।

### ସର୍ବଭାରତୀୟ ଟାଙ୍ଗୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଆଜି

ଟାଙ୍ଗୀ,୫।୧ (ରଘୁନାଥ ସାହୁ)

ଟାଙ୍ଗୀ ସଦରମହକୁମା ଚିଲିକା ଷ୍ଟାଡିୟମରେ ସୋମବାରଠାରୁ ସର୍ବଭାରତୀୟ ଟାଙ୍ଗୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ ହେବ। ଏହି ଟୁର୍ନାମେଣ୍ଟର ପ୍ରଥମ ଦିବସରେ ଷ୍ଟେଟ ସ୍ପୋର୍ଟ୍ସ ହଷ୍ଟେଲ କଟକ ଏବଂ ୱେଲଫେୟାର ୟୁଥ୍ କ୍ଲବ ରାଉରକେଲା ମଧ୍ୟରେ ମ୍ୟାଚ୍ ହେବ। ସେହିପରି ୭ତାରିଖରେ ଆକ୍ୟୁଆ ଫୁଟ୍‌ବଲ ଏକାଡେମୀ ରାଞ୍ଚି ଝାଡଖଣ୍ଡ ଏବଂ ହାଓଡ଼ା ସ୍ପୋର୍ଟିଂ କ୍ଲବ ପଶ୍ଚିମବଙ୍ଗ, ୮ରେ ନାଇଜେରିଆନ ଇଲେଭେନ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ଏବଂ ରଙ୍ଗବାଜ ଫୁଟ୍‌ବଲ କ୍ଲବ ଜଗଦଲପୁର ଛତିଶଗଡ଼, ୯ରେ ଏମ୍.କେ ସ୍ପୋର୍ଟ୍ସ କ୍ଲବ ବକ୍ସର ବିହାର ଏବଂ ୟୁନିକ ସ୍ପୋର୍ଟ୍ସ କ୍ଲବ ରାୟପୁର ଛତିଶଗଡ଼, ୧୦ରେ ପ୍ରଥମ ସେମିଫାଇନାଲ, ୧୧ରେ ଦ୍ୱିତୀୟ ସେମିଫାଇନାଲ ଏବଂ ୧୨ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ପ୍ରତ୍ୟେକ ମ୍ୟାଚରେ ଶ୍ରେଷ୍ଠ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରାଯିବ ବୋଲି ଟୁର୍ନାମେଣ୍ଟ କମିଟି ସଭାପତି କିଶୋର ବେହେରା କହିଛନ୍ତି।

### ବାର୍ଷିକ କ୍ରୀଡ଼ା ଉତ୍ସବ ଆରମ୍ଭ

ଟାଙ୍ଗୀ,୫।୧ (ରଘୁନାଥ ସାହୁ)

କୁହୁଡ଼ି ଡିଏଭି ଗୁରୁକୁଳ ସ୍କୁଲର ନବମ ବାର୍ଷିକ କ୍ରୀଡ଼ା ଉତ୍ସବ ସ୍ଥାନୀୟ ଜନତା ଷ୍ଟାଡିୟମଠାରେ ଆରମ୍ଭ ହୋଇଛି। ମୁଖ୍ୟ ଅତିଥିଭାବେ ଖବରଦତା ରମେଶ ଚନ୍ଦ୍ର ନାଇଡୁ ଯୋଗଦେଇ କ୍ରୀଡ଼ା ଉତ୍ସବର ଶୁଭାରମ୍ଭ କରିଥିଲେ। ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍କୁଲର ନିର୍ଦ୍ଦେଶକ ଦିଲୀପ ପ୍ରଧାନ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହି ଉତ୍ସବ ଆସନ୍ତା ୮ତାରିଖରେ ଉଦ୍‌ଯାପନ ହେବ। ଉପାଧ୍ୟକ୍ଷ ରାଜଶ୍ରୀ ପାତ୍ର, ମାନସୀ ସାହୁ, ପୂଜା ବରାଳ, ରଚିତା ଜେନା, ସାଗରିକା ମହାରଣା, ମାନସୀ ଖଣ୍ଡାୟତରାୟ, ପ୍ରଦୀପ ସାମନ୍ତରାୟ, ଭାଗୀରଥି ବରାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଆୟୁର୍ବେଦ ଚିକିତ୍ସା ଶିବିର

ନିରାକାରପୁର,୫।୧ (ମାନସ ଚନ୍ଦ୍ର ପଟ୍ଟନାୟକ)

କନ୍ତଳବାଇ ପଞ୍ଚାୟତ ଅଧୀନ ଗୋବର୍ଦ୍ଧନପୁର କଲୋନୀଠାରେ ନିଃଶୁଳ୍କ ଆୟୁର୍ବେଦ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ଆୟୁର୍ବେଦ ଗବେଷଣା ସଂସ୍ଥାନ ପକ୍ଷରୁ ଆୟୋଜିତ ଏହି ଶିବିରରେ ମୋଟ୍ ୬୦ଜଣ ରୋଗୀଙ୍କୁ ସେବା ପ୍ରଦାନ କରାଯାଇଥିଲା। ଏଥିସହ ଔଷଧ ପ୍ରଦାନ କରାଯାଇଥିଲା। ଡା.ବନମାଳୀ ଦାସ, ଡା. ସୁଶ୍ରୀ ସରସୀମା ସାହୁ, ଡା. ରମଣୀ ରଞ୍ଜନ ବାଘାତି, ଫାର୍ମାସିଷ୍ଟ ସୌମ୍ୟନ ମାଲି, ଲ୍ୟାବ ଟେକ୍ନିସିଆନ ପବିତ୍ର ଖଟୁଆ, ଅଜୟ ବେହେରା ଯୋଗଦେଇ ଶିବିର ପରିଚାଳନା କରିଥିଲେ।



ସାନତୋଟାଠାରେ ଶ୍ରୀରଘୁନାଥ ଦେବ ଗୋ-ସେବା ପ୍ରତିଷ୍ଠାନ ଦାବିରେ ରବିବାର ଭୂଷଣ୍ଡପୁରରେ ଅନୁଷ୍ଠିତ ପଦଯାତ୍ରା। (ଫଟୋ: ମାନସ ଚନ୍ଦ୍ର ପଟ୍ଟନାୟକ)

# ହାଟବରଡ଼ିରେ ଚଢ଼ାଉବେଳେ ତୁମୁଳକାଣ୍ଡ

## ଜଣେ ବନ୍ୟପ୍ରାଣୀ କର୍ମଚାରୀ, ଏକାଧିକ ଯୁବକ ଆହତ

ଟାଙ୍ଗୀ,୫।୧ (ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ ହାଟବରଡ଼ି ଗ୍ରାମରେ ଶନିବାର ବନ୍ୟପ୍ରାଣୀ କର୍ମଚାରୀଙ୍କ ଚଢ଼ାଉ ବେଳେ ତୁମୁଳକାଣ୍ଡ ଘଟିଛି। କେତେଜଣ ଯୁବକଙ୍କ ଆକ୍ରମଣରେ ବନ୍ୟପ୍ରାଣୀ କର୍ମଚାରୀ ନୀଳ କମଳ ମଣ୍ଡଳ ଆହତ ହୋଇ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ସେହିପରି ବନ୍ୟପ୍ରାଣୀ କର୍ମଚାରୀଙ୍କ ଆକ୍ରମଣରେ କେତେଜଣ ଯୁବକ ସାମାନ୍ୟ ଆହତ ହୋଇ ଘରୋଇ ମେଡିକାଲରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ତେବେ ଜଣେ ଯୁବକଙ୍କ ହାତ ଭାଙ୍ଗିଯାଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ଶନିବାର ହାଟବରଡ଼ି ଗ୍ରାମରେ ଚାଲିଥିଲା ଗୋବରା ଚଢ଼େଇ ଖେଳ। ଖବରପାଇ ଟାଙ୍ଗୀ ବନ୍ୟପ୍ରାଣୀ କର୍ମଚାରୀ ଚଢ଼ାଉ କରିଥିଲେ। ସୋରଣ ଫରେଷ୍ଟ ଅଫିସର ଜିତେନ୍ଦ୍ର କୁମାର ନାୟକଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିବା ବେଳେ ଗ୍ରାମର କେତେଜଣ ଯୁବକ ସେମାନଙ୍କୁ ଦୁର୍ବ୍ୟବହାର କରିଥିଲେ। ଏହା ପରେ ମୁହାଁମୁହିଁ ହେବା ସହ ଗଣ୍ଡଗୋଳ ହୋଇଥିଲା। ତେବେ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଟାଙ୍ଗୀ ବନ୍ୟପ୍ରାଣୀ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ରାସ୍ତାପାର୍ଶ୍ୱ ପାଲଟିଛି ଡମ୍ପିଂୟାର୍ଡ

ନିରାକାରପୁର,୫।୧ (ମାନସ ଚନ୍ଦ୍ର ପଟ୍ଟନାୟକ)



ନିରାକାରପୁର ବଜାରରୁ ଲେଣ୍ଡୋ ପଞ୍ଚାୟତର ଯାଜପୁର ଗ୍ରାମକୁ ଯିବା ମୁଖ୍ୟ ରାସ୍ତାପାର୍ଶ୍ୱ ଏବେ ଡମ୍ପିଂୟାର୍ଡ ପାଲଟିଛି। ଏହି ରାସ୍ତା ଦେଇ ଯାଜପୁର ଗ୍ରାମ ସହ ଲେଣ୍ଡୋ ପଞ୍ଚାୟତର ରେଙ୍ଗଟା, ମାଳିସାହି, କୁନିଆଁ ସାମନ୍ତରାପୁର, ଭଗବତୀପଡ଼ା, କଣାସ ବ୍ଲକର ତଇଲା, ବରାଗଡ଼, ଅଭୟପୁର ସମେତ ପଡ଼ୋଶୀ ୫ରୁ ଊର୍ଦ୍ଧ୍ୱ ପଞ୍ଚାୟତବାସୀ ଯାତାୟାତ କରିଥାନ୍ତି। ଦୈନିକ ନିରାକାରପୁର ହାଟ, ବଜାରରୁ ବାହାରୁଥିବା ଆବର୍ଜନା ଏହି ରାସ୍ତାପାର୍ଶ୍ୱରେ ଗଦାହେଉଛି। ଦୀର୍ଘଦିନ ଧରି ଆବର୍ଜନା ଜମାହେବାରୁ ଲଘୁଚାପଜନିତ ବର୍ଷା ପରେ ଏହା ପଚି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଉତ୍କଟ ଗନ୍ଧ ଯୋଗୁ ଉକ୍ତ ରାସ୍ତାରେ ଯାତାୟାତ କରୁଥିବା ଯାତ୍ରୀ ଏବଂ ଛାତ୍ରୀଛାତ୍ର ଏକପ୍ରକାର ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ଏଭଳି ଅବ୍ୟବସ୍ଥା ନେଇ ବିଗତ ଦିନରେ ଲେଣ୍ଡୋ ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ପକ୍ଷରୁ ନିରାକାରପୁର ଥାନାରେ ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ମିଳିଲାନାହିଁ। ସେହିପରି ବିଭିନ୍ନ ବିଭାଗୀୟ ଅଧିକାରୀ ଉକ୍ତ ରାସ୍ତାରେ ଯାତାୟାତ କରୁଥିଲେ ମଧ କୌଣସି ପଦକ୍ଷେପ ନେଉନାହାନ୍ତି। ଅନୁରୂପଭାବେ ନିରାକାରପୁର ଅଞ୍ଚଳ ଦେଇ ଯାଇଥିବା ନୂଆ ଜଗନ୍ନାଥ ସଡ଼କ ପାର୍ଶ୍ୱରେ ମଧ ବିଭିନ୍ନ ସ୍ଥାନରେ ଡମ୍ପିଂୟାର୍ଡ ଯୋଗୁ ଯାତ୍ରୀମାନେ ହଇରାଣ ହେଉଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି।

### ଉନ୍ନତମାନର ଧାନଚାଷ ପ୍ରଶିକ୍ଷଣ କର୍ମଶାଳା

କୃଷ୍ଣପ୍ରସାଦ,୫।୧ (କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ପଣସପଦା ପଞ୍ଚାୟତରେ ଉନ୍ନଥମାନର ଧାନଚାଷ ପ୍ରଣାଳୀ ଦ୍ୱାରା ବିଶ୍ୱତାପନକୁ ନିୟନ୍ତ୍ରଣ କରିବା ଉପରେ ଏକ କ୍ଷେତ୍ର ପ୍ରଦର୍ଶନୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏକ୍ରିକ୍ ପ୍ରକଳ୍ପ ଏବଂ ହମାରା ବଚ୍‌ପନ ଟ୍ରଷ୍ଟ ପକ୍ଷରୁ ପଣସପଦା ପଞ୍ଚାୟତ ଅଧୀନ ଚାଷଜମିରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ କୃଷି ଅଧିକାରିଣୀ ରାଜଲକ୍ଷ୍ମୀ ସାହୁ, ଗ୍ରାମ୍ୟ କୃଷି କର୍ମଚାରୀ ଜିତେନ୍ଦ୍ର ନାୟକ, ଏକ୍ରିକ୍ ପ୍ରକଳ୍ପ ଜିଲା ସଂଯୋଜକ ଦେବାଶିଷ ପତି, ଏକ୍ରିକ୍ ପ୍ରକଳ୍ପ କୃଷି ବିଶେଷଜ୍ଞ ହୀମାଦ୍ରି ନାଥ ସାହୁ, ଦଳପତି କିରଣବାଳା ଶତପଥୀ, ଜୀବିକା ସଂଯୋଜକ ପ୍ରକାଶ ଚନ୍ଦ୍ର ନାୟକ, କ୍ଲଷ୍ଟର ସଂଯୋଜକଙ୍କ ସମେତ ହମାରା ବଚ୍‌ପନ ଟ୍ରଷ୍ଟର ଜଳବାୟୁ ସାଥୀମାନେ ଉପସ୍ଥିତ ଥିଲେ।

### ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ

ବାଲୁଗାଁ,୫।୧ (ସଂଗ୍ରାମ ପାଇକରାୟ)

ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୭ତମ ଜନ୍ମ ମହୋତ୍ସବ ଏବଂ ଅଷ୍ଟମ ବାର୍ଷିକ ଉଦବୋଧନ ସ୍ମୃତି ମହୋତ୍ସବ ରବିବାର କୃଷ୍ଣ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ବାଲୁଗାଁ ଶ୍ରୀମନ୍ଦିର ପରିସରରେ ପାଳିତ ହୋଇଯାଇଛି। ସକାଳେ ବିଭିନ୍ନ ନୀତିକାନ୍ତି ପରେ ଠାକୁରଙ୍କ ବିଗ୍ରହ ରଥାରୁଢ଼ ହୋଇ ଶୋଭାଯାତ୍ରା ସରଳାପଦର ଛକସ୍ଥିତ ଉତ୍ତରାୟଣୀ ମନ୍ଦିରଠାରୁ ବାହାରି ନଗର ପରିକ୍ରମା କରିବା ପରେ ଚିଲିକା କୂଳସ୍ଥିତ ସତସଙ୍ଗ ଶ୍ରୀମନ୍ଦିରଠାରେ ପହଞ୍ଚିଥିଲା। ସତସଙ୍ଗରେ ପ୍ରାରମ୍ଭିକ ସୂଚନା ଦେଇଥିଲେ କସ୍ତୁରୀ ଚରଣ ପ୍ରଧାନ। ମୁଖ୍ୟ ବକ୍ତାଭାବେ କୁମୁଦ ଚରଣ ପ୍ରଧାନ ଯୋଗଦେଇ ମତବ୍ୟକ୍ତ କରିଥିଲେ। ବକ୍ତାଭାବେ ରିତିକ ଶ୍ରୀଦାସ ଯୋଗଦେଇ ଠାକୁରଙ୍କ ସେବାସହ ସକାଳେ ଓ ସନ୍ଧ୍ୟାରେ ପ୍ରାର୍ଥନା କଲେ ଜୀବନରେ ଶାନ୍ତି, ସୁଖ ଓ ମୈତ୍ରୀ ଆସିପାରିବ ବୋଲି କହିଥିଲେ। ଅପରାହ୍ନରେ ଏମ୍‌ପି ସମ୍ବିତ ପାତ୍ର, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଠାକୁର ଦର୍ଶନ କରିଥିଲେ। ଅପରାହ୍ନରେ ମାତୃ ସମ୍ମିଳନୀ, ଶ୍ରୀମନ୍ଦିରରେ ସନ୍ଧ୍ୟା ବିନତି ଓ ପ୍ରଣାମ ପରେ ରାତିରେ ଆତସବାଜି ପ୍ରଦର୍ଶନ କରାଯାଇଥିଲା। ଉକ୍ତ ଉତ୍ସବକୁ ତରଣୀ ବଳବନ୍ତରାୟ, ଭିକାରୀ ଚରଣ ପାତ୍ର, ଭୀମସେନ ସାହୁ, ସୁଧାକର ସାହୁ, ରାମ ଚନ୍ଦ୍ର ବିଶ୍ୱାଳ, ଅମୂଲ୍ୟ ମହାପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ପକ୍ଷୀ ଶିକାର ଦମନ ପାଇଁ ଶପଥ ନେଲେ ମତ୍ସ୍ୟଜୀବୀ




## ଦେବୀନଦୀ ମୁହାଁଣରେ ଜାତୀୟ ପକ୍ଷୀ ଦିବସ

ଅସ୍ତରଙ୍ଗ,୫।୧ (ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

ପୁରୀ ଜିଲା ଅସ୍ତରଙ୍ଗ ଦେବୀନଦୀ ମୁହାଁଣ ଅଞ୍ଚଳରେ ଜାତୀୟ ପକ୍ଷୀ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ଟ୍ରଷ୍ଟ, ଗୋବିନ୍ଦ ତ୍ରିପାଠୀ ସ୍ମୃତି ପରିଷଦ ଏବଂ ଅଲ୍ ଓଡ଼ିଶା ଓସାନ ଇଞ୍ଜିନିୟରିଂ ଆସୋସିଏଶନ୍ ପୁରୀ ଶାଖାର ସମ୍ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। ଝାଡ଼ଲିଙ୍ଗ ଗ୍ରାମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ଲୁଣା ଜଙ୍ଗଲ ସଂରକ୍ଷଣ କାର୍ଯ୍ୟକ୍ରମ ସଂଯୋଜକ ପିଣ୍ଟୁ ପାତ୍ର, ଦେବୀ ନଦୀ ମୁହାଣ ଅଞ୍ଚଳର ସ୍ଥାନୀୟ ଏବଂ ବିଦେଶୀ ପକ୍ଷୀଙ୍କ ବିବିଧତା, ପକ୍ଷୀ ସଂରକ୍ଷଣର ଆବଶ୍ୟକତା ଏବଂ ପକ୍ଷୀ ଶିକାର ଦମନ ସମ୍ପର୍କରେ ମତ୍ସ୍ୟଜୀବୀଙ୍କୁ ବୁଝାଇ ଥିଲେ। ପୁରୀ ଇଞ୍ଜିନିୟରିଂ ଆସୋସିଏଶନ ମୁଖ୍ୟ ଗୋପାଳ ବେହେରା ଏଥିରେ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ନିୟନ୍ତ୍ରଣରେ ପକ୍ଷୀମାନଙ୍କ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିସହିତ ଆର୍ଦ୍ରଭୂମି ଅଞ୍ଚଳର ପରିବେଶ ସୁରକ୍ଷାର ଆବଶ୍ୟକତା ଉପସ୍ଥାପିତ କରି ସମସ୍ତଙ୍କୁ ପକ୍ଷୀ ଶିକାର ଦମନ କରିବାକୁ ଜଣାଇଥିଲେ। କାର୍ଯ୍ୟକ୍ରମରେ ମତ୍ସ୍ୟଜୀବୀ ସମୁଦାୟ ପକ୍ଷୀ ସଂରକ୍ଷଣର ଶପଥ ଗ୍ରହଣ କରି ଦେବୀ ନଦୀ ମୁହାଁଣରେ ପକ୍ଷୀମାନଙ୍କୁ ସୁରକ୍ଷା ଦେବା ଓ ପକ୍ଷୀ ଶିକାର ଦମନ ପାଇଁ ପ୍ରତିବଦ୍ଧ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଅସ୍ତରଙ୍ଗ, କାକଟପୁର, ସତ୍ୟବାଦୀ ସହ ଅନ୍ୟାନ୍ୟ ବିଭିନ୍ନ ବ୍ଲକର ଇଞ୍ଜିନିୟରିଂ ଆସୋସିଏସନ କର୍ମକର୍ତ୍ତା ଏବଂ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ। ଟ୍ରଷ୍ଟ ପକ୍ଷରୁ ରାଜେଶ କୁମାର ସାହୁ, ସୁମନ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର କାଣ୍ଡି ପ୍ରମୁଖ ପରିଚାଳନା କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ରୁବେକା


@ ବାସୁଦେବ


@ ଶୁଭେନ୍ଦୁ


@ ପ୍ରଳୟ


@ ସୌଭାଗ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସାହିତ୍ୟାନୁଷ୍ଠାନର ବାର୍ଷିକୋତ୍ସବ ପ୍ରସ୍ତୁତି



ବେଗୁନିଆ,୫।୧ (ହରପ୍ରସନ୍ନ ପଣ୍ଡା)

ବେଗୁନିଆ ସଦର ମହକୁମାସ୍ଥିତ ଆଦର୍ଶ କ୍ଲବ ପରିସରରେ ଶନିବାର ପ୍ରମୁଖ ସାହିତ୍ୟାନୁଷ୍ଠାନ ପକ୍ଷରୁ ବାର୍ଷିକୋତ୍ସବ ପାଳନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ଅଧ୍ୟକ୍ଷତା କରିଥିଲେ। ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ଉତ୍ସବର ରୂପରେଖ ପ୍ରସ୍ତୁତି ସହ ମୁଖପତ୍ର 'ସ୍ୱୟଂସିଦ୍ଧା'ର ପ୍ରକାଶନ ନିମନ୍ତେ ଆଲୋଚନା କରିଥିଲେ। ଫେବୃଆରୀ ଶେଷ ସପ୍ତାହରେ ବାର୍ଷିକୋତ୍ସବ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି। କବିକେତନ ଗୌରଚରଣ ସାମନ୍ତସିଂହାରଙ୍କୁ ମୁଖ୍ୟ ସମ୍ପାଦକ, ଉପସଭାନେତ୍ରୀ ପ୍ରତିମା ପ୍ରଧାନ ଓ ବରିଷ୍ଠ ସଭ୍ୟ ଲକ୍ଷ୍ମୀଧର ମହାପାତ୍ରଙ୍କୁ ଅନ୍ୟତମ ସଦସ୍ୟଭାବେ ମନୋନୀତ କରାଯାଇଛି। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ସୁପରିଚାଳନା ନିମନ୍ତେ ସଭ୍ୟ ଶ୍ରୀନିବାସ ବାଘସିଂହ ପ୍ରସ୍ତାବ ଦେଇଥିଲେ। ଡ. ହରିପ୍ରସାଦ ଦାସ, ଡ. ବନବିହାରୀ ମହାପାତ୍ର, ଡା. ଅମରେନ୍ଦ୍ର ନାଥ ମହାପାତ୍ର, ସୋମନାଥ ସାହୁ, ମାନସୀ ଦାସ, ଜମ୍ବେଶ୍ୱର ମଙ୍ଗରାଜ, ପ୍ରଶାନ୍ତ ବାରିକ, ବ୍ରଜବନ୍ଧୁ ପଣ୍ଡା, ସୁରେନ୍ଦ୍ର ନାଥ ପଣ୍ଡା, ଭଗବାନ ସାହୁ, ରାଜକିଶୋର ସାହୁ, କୈଳାସ ଚନ୍ଦ୍ର ସାହ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବିଜୟ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଛାତ୍ରଙ୍କୁ ସଂଘବଦ୍ଧ ଆକ୍ରମଣ, ୬ ଗିରଫ

ଭୁବନେଶ୍ୱର,୫।୧(ସୂର୍ଯ୍ୟକାନ୍ତ ବେହେରା)

ପୂର୍ବବିବାଦକୁ କେନ୍ଦ୍ର କରି ଆୟୁଷ ନାରାୟଣ ଦାସ ନାମକ ଛାତ୍ରଙ୍କୁ ସଂଘବଦ୍ଧ ଭାବେ ଖଣ୍ଡାରେ ଆକ୍ରମଣ ଘଟଣାରେ ଖଣ୍ଡଗିରି ପୋଲିସ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ନୟାଗଡର ପ୍ରତୀକ ମହାନ୍ତି, ମଳୟ ରଞ୍ଜନ ରାଉତ ଓ ଶୁଭମ୍ ସାହୁ, ପୁରୀର ସୌରଭ ମହାନ୍ତି, ଇନ୍‌ଫୋଭ୍ୟାଲି ଥାନା ଅଞ୍ଚଳର ବିଘ୍ନେଶ ଦାସ ଏବଂ ମଞ୍ଚେଶ୍ୱରର ବିମଳେନ୍ଦୁ ଦାସ। ସେମାନଙ୍କଠାରୁ ଆକ୍ରମଣରେ ବ୍ୟବହୃତ ମାରଣାସ୍ତ୍ର ଜବତ ହୋଇଛି। ଜାମିନ ନ ମିଳିବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଆୟୁଷ ଓୟୁଟିର ଛାତ୍ର ହୋଇଥିବାବେଳେ ଅଭିଯୁକ୍ତଙ୍କ ସହ କୌଣସି କାରଣକୁ ନେଇ ପୂର୍ବରୁ ଝଗଡା ହୋଇଥିଲା। ଶନିବାର ଆୟୁଷ ହଷ୍ଟେଲ ଫେରୁଥିବା ବେଳେ ଅଭିଯୁକ୍ତମାନେ ମୋଟରସାଇକେଲରେ ଆସି ଖଣ୍ଡାରେ ଆକ୍ରମଣ କରିଥିଲେ। ଏଥିରେ ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗିଥିଲା। ଅନ୍ୟ ଛାତ୍ରମାନେ ତାଙ୍କୁ ଉଦ୍ଧାର କରି ପ୍ରଥମେ କ୍ୟାପିଟାଲ ଓ ପରେ ଏମ୍‌ସରେ ଭର୍ତ୍ତି କରିଥିଲେ।

### ଓଡ଼ିଆ ଭାଷା ସଂସ୍କୃତି ସୁରକ୍ଷା ଦିବସ ପାଳିତ

ପୁରୁଣା ଭୁବନେଶ୍ୱର,୫।୧(ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ କେଦାର ନାଥ ପାଠାଗାର ଠାରେ ଓଡ଼ିଆ ଭାଷା ସଂସ୍କୃତି ସୁରକ୍ଷା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଗ୍ରନ୍ଥକାର ଭାଗୀରଥି ମହାସୁଆରଙ୍କୁ ଏକାମ୍ର ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହିତ ସ୍ୱର୍ଗତ ବସନ୍ତ କୁମାର ସାବତଙ୍କ ଲିଖିତ 'କୁଣ୍ଡଳିନୀ ଯୋଗର ଅନୁଭବରେ ଶ୍ରୀଲିଙ୍ଗରାଜ' ପୁସ୍ତକ ଉନ୍ମୋଚନ ହୋଇଥିଲା। ମଞ୍ଚ ଉପଦେଷ୍ଟା ଜଗତ ଚନ୍ଦ୍ର ଦାସ, ସଭାପତି ଭୀଷ୍ମ ନାରାୟଣ ନାୟକ, ଆବାହକ ଗଣେଶ ଚନ୍ଦ୍ର ପାଲ, ଉପସଭାପତି ମନୋରଞ୍ଜନ ବଡୁ, ସମ୍ପାଦକ ଅନୁପ ଉଦୟ ସେନାପତି, ସଦସ୍ୟ ସଞ୍ଜୁଲତା ପଟ୍ଟନାୟକ, ନିରଞ୍ଜନ ଦାସ, ମୁନୁ ଶତପଥୀ, ରାଜେଶ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ମିନିଟ୍ରକ୍ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

ବାରଙ୍ଗ,୫।୧(ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ଅଧୀନ ତ୍ରିଶୂଳିଆ ସୁଭାଷ ସେତୁ ଉପରେ ରବିବାର ରାତିରେ ଏକ ମିନିଟ୍ରକ୍ ଧକ୍କାରେ ଜଣେ ବୁଲେଟ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକଙ୍କ ପରିଚୟ ମିଳିନାହିଁ। ପ୍ରକାଶ ଯେ, ତ୍ରିଶୂଳିଆ ବଜାରରୁ ଜଣେ ଯୁବକ ବୁଲେଟ୍ (ଓଡ଼ି ୦୫ ଏଜେଡ୍ ୮୦୩୮) ଯୋଗେ କଟକ ଆଡ଼କୁ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ମିନିଟ୍ରକ୍ (ଓଡ଼ି ୦୨ ଏକେ ୩୯୦୭)ଟି ବୁଲେଟ୍‌କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ବୁଲେଟ୍ ଚାଳକଙ୍କ ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକଙ୍କଠୁ ଖବରପାଇ ବାରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲା। ଏଥିସହ ଦୁର୍ଘଟଣାଗ୍ରସ୍ତ ୨ ଗାଡ଼ିକୁ ଜବତ କରିଥିଲା।

# କଇଁଛ ମାରି ରାନ୍ଧି ଖାଇଲେ, ଭିଡିଓ ଅପ୍‌ଲୋଡ୍ କଲେ

### କାର୍ଯ୍ୟାନୁଷ୍ଠାନ ବଦଳରେ ଚୁପ୍ ବସିଛି ବନ ବିଭାଗ

ଭୁବନେଶ୍ୱର, ୫।୧(ବନ୍ଦନା ସେଠୀ)




କଇଁଛକୁ ଜୀଅନ୍ତା କାଟି ରାନ୍ଧି ଖାଇବା ସହ ତା'ର ପୂରା ଭିଡିଓକୁ ସୋସିଆଲ ମିଡିଆରେ ଅପଲୋଡ୍ କରାଯାଇଛି। ଏହା ଭାଇରାଲ ହେବା ପରେ ପ୍ରାଣୀପ୍ରେମୀ ଓ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବନ ବିଭାଗ ଚୁପ୍ ବସିଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିବେକ ନାମକ ଜଣେ ଓଡ଼ିଆ ଯୁବକ ତାଙ୍କ ୟୁଟ୍ୟୁବ୍ ଓ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଏକ ଇଣ୍ଡିଆନ ଫ୍ଲାପ୍ ସେଲ୍ କଇଁଛ (ପଙ୍କୁଆ କଇଁଛ)କୁ ରାନ୍ଧି ଖାଇବା ଭିଡିଓ ଅପ୍‌ଲୋଡ୍ କରିଛନ୍ତି। ୟୁଟ୍ୟୁବ୍‌ରେ ଏହା ୨୦୨୪ ଡିସେମ୍ବର ୨୭ରେ ଅପ୍‌ଲୋଡ୍ କରାଯାଇଛି। କଇଁଛଟିକୁ ଛୁରିରେ କାଟିବା ପରେ ମସଲା ଦେଇ ରାନ୍ଧିବା ଏବଂ ଶେଷରେ ଉକ୍ତ ମାଂସ ତରକାରି ଖାଇ ଖୁସି ହେଉଥିବା ଭିଡିଓରେ ଦେଖାଯାଇଛି। ତେବେ ଯୁବକ ଜଣକ ସୋନପୁର ଜିଲା ଡୁଙ୍ଗୁରିପାଲି ଅନ୍ତର୍ଗତ କେବାଡ ଗ୍ରାମର ବୋଲି ଜଣାପଡୁଥିବାବେଳେ ବନ ବିଭାଗ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ।

ଏହି ପ୍ରଜାତିର କଇଁଛ ଭାରତୀୟ ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ ୧୯୭୨ରେ ସିଡ୍ୟୁଲ-୧ ସରୀସୃପ ଭାବରେ ସଂରକ୍ଷିତ। ଏହାକୁ ଶିକାର କଲେ ୭ବର୍ଷ ପର୍ଯ୍ୟନ୍ତ ଜେଲ କିମ୍ବା ୧ଲକ୍ଷ ଟଙ୍କା ଜରିମାନା କିମ୍ବା ଉଭୟ ଦଣ୍ଡର ପ୍ରାବଧାନ ରହିଛି। ତେଣୁ ବେଆଇନ ଭାବେ ଏହି କଇଁଛ ରାନ୍ଧି ଖାଇବା ଓ ତାକୁ ସୋସିଆଲ ମିଡିଆରେ ପୋଷ୍ଟ କରିବା ଭିଡିଓ ପାଇଁ ସମ୍ପୃକ୍ତ ଯୁବକ ଗିରଫ ହେବା ଆବଶ୍ୟକ ବୋଲି ସ୍ନେକ ହେଲ୍ପଲାଇନ୍‌ର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି। ଏଥିସହ ସେ ଏ ନେଇ ରାଜ୍ୟ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ (ପିସିସିଏଫ୍)ଙ୍କୁ ଇମେଲ ମାଧ୍ୟମରେ ଚିଠି ଲେଖି କାର୍ଯ୍ୟାନୁଷ୍ଠାନ ଲାଗି ଅନୁରୋଧ କରିଛନ୍ତି। ଅପରପକ୍ଷେ କାର୍ଯ୍ୟାନୁଷ୍ଠାନ ଭୟରେ ୟୁଟ୍ୟୁବ୍‌ରୁ ସମ୍ପୃକ୍ତ ଭିଡିଓକୁ ଡିଲିଟ୍ କରି ଦିଆଯାଇଛି। ଶୁଭେନ୍ଦୁ କହିଛନ୍ତି, ବନ୍ୟ ଜୀବଜନ୍ତୁଙ୍କୁ ଶିକାର କରି ଖାଇବା ଏବଂ ସେମାନଙ୍କୁ ବ୍ୟବହାର କରି ବେଆଇନ ଭାବରେ ଟଙ୍କା ରୋଜଗାର କରାଯାଉଛି। ବନ ବିଭାଗ ଦୃଢ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ଏପରି ବେଆଇନ କାର୍ଯ୍ୟ ବଢ଼ି ଚାଲିଛି। ୨୦୨୪ରେ ସୋସିଆଲ ମିଡିଆରେ ସାପ ଧରିବା ଭିଡ଼ିଓ ପୋଷ୍ଟ କରି ଭଦ୍ରକ ଡିଏଫ୍‌ଓଙ୍କ ଦ୍ୱାରା ଗିରଫ ହୋଇଥିବା ବ୍ୟକ୍ତି ଏବଂ ମାଙ୍କଡ଼ ଭିଡ଼ିଓ ପୋଷ୍ଟ କରି କଟକ ଡିଏଫ୍‌ଓଙ୍କ ଦ୍ୱାରା ଗିରଫ ହୋଇଥିବା ଯାଜପୁରର ଦମ୍ପତି ଜାମିନରେ ଆସିବା ପରେ ପୁଣି ସେଇ ବେଆଇନ କାମ ଆରମ୍ଭ କରିଥିବା ଅଭିଯୋଗ ହୋଇଛି। ବନ୍ୟପ୍ରାଣୀଙ୍କ ଜୀବନ ସହ ଖେଳୁଥିବା ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବନ୍ୟପ୍ରାଣୀ ପ୍ରେମୀ ଦାବି କରିଛନ୍ତି।

## 'ଜଳବାୟୁ ସହନୀୟ କୃଷି ପ୍ରଣାଳୀ ଏକ ବୈଶ୍ୱିକ ଆହ୍ୱାନ'



ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ପୁରସ୍କାର ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୫।୧(ଅନୁରାଧା ମହାରଣା)

### କୃଷି ଓଡ଼ିଶା-୨୦୨୫ ଉଦ୍‌ଯାପିତ

ବରମୁଣ୍ଡା ବିଜୁ ପଟ୍ଟନାୟକ ଖେଳ ପଡ଼ିଆରେ ଚାଲିଥିବା ତିନିଦିନିଆ 'କୃଷି ଓଡ଼ିଶା' ରବିବାର ଶେଷ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଲେ, କୃଷି ଓଡ଼ିଶା-୨୦୨୫' ଓଡ଼ିଶାରେ କୃଷିକୁ ଅଧିକ ଋଦ୍ଧିମନ୍ତ କରିବ। ସଶକ୍ତ, ସହନଶୀଳ ଓ ଦୀର୍ଘସ୍ଥାୟୀ କୃଷି ପ୍ରଣାଳୀର ପ୍ରୋତ୍ସାହନ ପାଇଁ ଆମ ସରକାର ଅଙ୍ଗୀକାରବଦ୍ଧ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ କହିଲେ, ଜଳବାୟୁ ସହନୀୟ କୃଷି ପ୍ରଣାଳୀ ସମ୍ପ୍ରତି ଏକ ବୈଶ୍ୱିକ ଆହ୍ୱାନ। ଚିରନ୍ତନ ଖାଦ୍ୟ ପ୍ରଣାଳୀ ପାଇଁ ଆମର ପ୍ରୟାସ ନିଶ୍ଚିତରୂପେ ଆଗାମୀ ଦିନରେ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିବ ବୋଲି ସେ କହିଥିଲେ। ଏହି ଅବସରରେ କୃଷିଜାତ ଉତ୍ପାଦକୁ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ଲକ୍ଷ୍ୟ ନେଇ ଉଦ୍ୟାନ କୃଷି ବିଭାଗ ସହ ୧୧ଟି ସଂସ୍ଥା ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। କେନ୍ଦୁଝରର ସଫଳ ଚାଷୀ ସୁଦର୍ଶନ ମହାନ୍ତି ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ସଫଳ ଚାଷୀ, ବକ୍ତୃତା, ଗଳ୍ପପଠନ, କବିତା ଆବୃତ୍ତି, କୁଇଜ ଆଦି ପ୍ରତିଯୋଗିତାର କୃତି ପ୍ରତିଯୋଗୀ, ଶ୍ରେଷ୍ଠ ଷ୍ଟଲ୍ ପ୍ରଦର୍ଶନକାରୀଙ୍କୁ ପୁରସ୍କୃତ କରାଯାଇଥିଲା। ସରକାରୀ ଷ୍ଟଲ ବର୍ଗରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ପ୍ରଦର୍ଶନକାରୀ ଭାବେ ପୁରସ୍କୃତ ହୋଇଥିଲା। ପ୍ରାଣୀ ପାଳନ ଓ ପଶୁ ଚିକିତ୍ସା ନିର୍ଦ୍ଦେଶକ ରାମାଶିଷ ହାଜିରା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ତିନିଦିନିଆ ସମାବେଶରେ କୃଷକ, କୃଷି ବିଶେଷଜ୍ଞ, ବୈଜ୍ଞାନିକ, ବୁଦ୍ଧିଜୀବୀ, ଉଦ୍ୟୋଗୀ, କୃଷି ଉତ୍ପାଦକ ସଂଘର କର୍ମକର୍ତ୍ତା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, କୃଷି ଓ ଆନୁଷଙ୍ଗିକ ବିଭାଗର ଅଧିକାରୀ, ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷଜ୍ଞମାନେ ଉପସ୍ଥିତ ରହି ବିଭିନ୍ନ ପର୍ଯ୍ୟାୟଭିତ୍ତିକ ଆଲୋଚନାରେ କୃଷକମାନଙ୍କୁ ଉନ୍ନତ କୃଷି ପ୍ରଣାଳୀ, ବିପଣନ, ବୈଷୟିକ ଉପଯୋଗିତା ଆଦି ଉପରେ ପରାମର୍ଶ ଦେଇଥିଲେ।

### ହାଟବରଡ଼ିରେ ଚଢ଼ାଉ ବେଳେ ବନ୍ୟପ୍ରାଣୀ କର୍ମଚାରୀଙ୍କୁ ଆକ୍ରମଣ

ଟାଙ୍ଗୀ,୫।୧(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ ହାଟବରଡ଼ି ଗ୍ରାମରେ ଶନିବାର ବନ୍ୟପ୍ରାଣୀ କର୍ମଚାରୀଙ୍କ ଚଢ଼ାଉ ବେଳେ ତୁମୁଳକାଣ୍ଡ ଘଟିଛି। କେତେଜଣ ଯୁବକଙ୍କ ଆକ୍ରମଣରେ ବନ୍ୟପ୍ରାଣୀ କର୍ମଚାରୀ ନୀଲ କମଳ ମଣ୍ଡଳ ଆହତ ହୋଇ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ସେହିପରି ବନ୍ୟପ୍ରାଣୀ କର୍ମଚାରୀଙ୍କ ଆକ୍ରମଣରେ କେତେଜଣ ଯୁବକ ସାମାନ୍ୟ ଆହତ ହୋଇ ଘରୋଇ ମେଡିକାଲରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ତେବେ ଜଣେ ଯୁବକଙ୍କ ହାତ ଭାଙ୍ଗିଯାଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ଶନିବାର ହାଟବରଡ଼ି ଗ୍ରାମରେ ଚାଲିଥିଲା ଗୋବରା ଚଢ଼େଇ ଖେଳ। ଖବରପାଇ ଟାଙ୍ଗୀ ବନ୍ୟପ୍ରାଣୀ କର୍ମଚାରୀ ଚଢ଼ାଉ କରିଥିଲେ। ସୋରଣ ଫରେଷ୍ଟ ଅଫିସର ଜିତେନ୍ଦ୍ର କୁମାର ନାୟକଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିବା ବେଳେ ଗ୍ରାମର କେତେଜଣ ଯୁବକ ସେମାନଙ୍କୁ ଦୁର୍ବ୍ୟବହାର କରିଥିଲେ। ଏହା ପରେ ମୁହାଁମୁହିଁ ହେବା ସହ ଗଣ୍ଡଗୋଳ ହୋଇଥିଲା। ତେବେ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଟାଙ୍ଗୀ ବନ୍ୟପ୍ରାଣୀ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ପକ୍ଷୀ ଶିକାର ଦମନ ପାଇଁ ଶପଥ ନେଲେ ମତ୍ସ୍ୟଜୀବୀ

### ଦେବୀନଦୀ ମୁହାଣରେ ଜାତୀୟ ପକ୍ଷୀ ଦିବସ

ଅସ୍ତରଙ୍ଗ,୫।୧(ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)




ପୁରୀ ଜିଲା ଅସ୍ତରଙ୍ଗ ଦେବୀନଦୀ ମୁହାଣ ଅଞ୍ଚଳରେ ଜାତୀୟ ପକ୍ଷୀ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ଟ୍ରଷ୍ଟ, ଗୋବିନ୍ଦ ତ୍ରିପାଠୀ ସ୍ମୃତି ପରିଷଦ ଏବଂ ଅଲ୍ ଓଡ଼ିଶା ଓସାନ ଇଞ୍ଜିନିୟରିଂ ଆସୋସିଏଶନ୍ ପୁରୀ ଶାଖାର ସମ୍ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। ଝାଡ଼ଲିଙ୍ଗ ଗ୍ରାମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ଲୁଣା ଜଙ୍ଗଲ ସଂରକ୍ଷଣ କାର୍ଯ୍ୟକ୍ରମ ସଂଯୋଜକ ପିଣ୍ଟୁ ପାତ୍ର, ଦେବୀ ନଦୀ ମୁହାଣ ଅଞ୍ଚଳର ସ୍ଥାନୀୟ ଏବଂ ବିଦେଶୀ ପକ୍ଷୀଙ୍କ ବିବିଧତା, ପକ୍ଷୀ ସଂରକ୍ଷଣର ଆବଶ୍ୟକତା ଏବଂ ପକ୍ଷୀ ଶିକାର ଦମନ ସମ୍ପର୍କରେ ମତ୍ସ୍ୟଜୀବୀଙ୍କୁ ବୁଝାଇ ଥିଲେ। ପୁରୀ ଇଞ୍ଜିନିୟରିଂ ଆସୋସିଏଶନ ମୁଖ୍ୟ ଗୋପାଳ ବେହେରା ଏଥିରେ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ନିୟନ୍ତ୍ରଣରେ ପକ୍ଷୀମାନଙ୍କ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିସହିତ ଆର୍ଦ୍ରଭୂମି ଅଞ୍ଚଳର ପରିବେଶ ସୁରକ୍ଷାର ଆବଶ୍ୟକତା ଉପସ୍ଥାପିତ କରି ସମସ୍ତଙ୍କୁ ପକ୍ଷୀ ଶିକାର ଦମନ କରିବାକୁ ଜଣାଇଥିଲେ। କାର୍ଯ୍ୟକ୍ରମରେ ମତ୍ସ୍ୟଜୀବୀ ସମୁଦାୟ ପକ୍ଷୀ ସଂରକ୍ଷଣର ଶପଥ ଗ୍ରହଣ କରି ଦେବୀ ନଦୀ ମୁହାଁଣରେ ପକ୍ଷୀମାନଙ୍କୁ ସୁରକ୍ଷା ଦେବା ଓ ପକ୍ଷୀ ଶିକାର ଦମନ ପାଇଁ ପ୍ରତିବଦ୍ଧ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଅସ୍ତରଙ୍ଗ, କାକଟପୁର, ସତ୍ୟବାଦୀ ସହ ଅନ୍ୟାନ୍ୟ ବିଭିନ୍ନ ବ୍ଲକର ଇଞ୍ଜିନିୟରିଂ ଆସୋସିଏସନ କର୍ମକର୍ତ୍ତା ଏବଂ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ। ଟ୍ରଷ୍ଟ ପକ୍ଷରୁ ରାଜେଶ କୁମାର ସାହୁ, ସୁମନ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର କାଣ୍ଡି ପ୍ରମୁଖ ପରିଚାଳନା କରିଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ରୁବେକା



@ ବାସୁଦେବ



@ ଶୁଭେନ୍ଦୁ



@ ପ୍ରଳୟ



@ ସୌଭାଗ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଯୁକ୍ତ ୨ ପରୀକ୍ଷା, ମୂଲ୍ୟାୟନ ବର୍ଜନ କରିବାକୁ ଶିକ୍ଷକ ଓ କର୍ମଚାରୀ ସଂଘର ଚେତାବନୀ

ଭୁବନେଶ୍ୱର,୫।୧(ସୁଚିସ୍ମିତା ସାହୁ)

ନିଖିଳ ଓଡିଶା ଅନୁଦାନପ୍ରାପ୍ତ (୪୮ ବର୍ଗ) ଶିକ୍ଷକ ଓ କର୍ମଚାରୀ ସଂଘର ଚାକିରି ସର୍ତ୍ତାବଳୀ ଓ ପେନସନ ଦାବିକୁ ଓଡିଶା ଷ୍ଟେଟ ସିଲେକ୍ସନ ଲେକ୍ଚର ଆସୋସିଏଶନ (ଓସଲା) ପକ୍ଷରୁ ପ୍ରତିବାଦ କରାଯାଇଛି। ଏହାକୁ ୪୮ ସଂଘ ପକ୍ଷରୁ ରବିବାର ଖବରଦାତା ସମ୍ମିଳନୀରେ ନିନ୍ଦା କରାଯାଇଛି। ପ୍ରତିଶ୍ରୁତି ଅନୁଯାୟୀ ଖୁବ୍‌ଶୀଘ୍ର ଷ୍ଟେଟ ସିଲେକ୍ସନ ବୋର୍ଡ (ଏସ୍‌ଏସ୍‌ବି) ଓ ବ୍ଲକ୍ ଗ୍ରାଣ୍ଟ ଅଧ୍ୟାପକଙ୍କ ମଧ୍ୟରେ ଥିବା ଚାକିରି ସର୍ତ୍ତାବଳୀ ସମ୍ବନ୍ଧୀୟ ତାରତମ୍ୟ ଦୂରକରି ଏହି ବର୍ଗର ଅଧ୍ୟାପିକା, ଅଧ୍ୟାପକ, ଓ କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ ଦେବା ପାଇଁ ସରକାରୀ ବିଜ୍ଞପ୍ତି ପ୍ରକାଶ କରା ନ ଗଲେ ସଂଘ ଯୁକ୍ତ ୨ ପରୀକ୍ଷା ଓ ମୂଲ୍ୟାୟନ ବର୍ଜନ କରିବା ସହିତ ପୁଣି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଉଭୟ ଏସ୍‌ଏସ୍‌ବି ଓ ବ୍ଲକ ଗ୍ରାଣ୍ଟ ଅଧ୍ୟାପକଙ୍କୁ ସମାନ ଆଇନ (୧୯୭୪ ମସିହା ଅଧିନିୟମ) ଅନୁଯାୟୀ କଲେଜ ପରିଚାଳନା କମିଟି ନିଯୁକ୍ତି ଦେଉଛି। ଏହାଛଡ଼ା ଏସ୍‌ଏସ୍‌ବି ମାଧ୍ୟମରେ ଚୟନ ହୋଇଥିବା ଅଧ୍ୟାପକମାନେ ଆଜିଯାଏ ବ୍ଲକଗ୍ରାଣ୍ଟ ଅଧ୍ୟାପକଙ୍କଠାରୁ କନିଷ୍ଠ ଭାବେ କାର୍ଯ୍ୟ କରୁଛନ୍ତି। ତେଣୁ ବ୍ଲକ୍ ଗ୍ରାଣ୍ଟ ଅଧ୍ୟାପକମାନେ ଚାକିରି ସର୍ତ୍ତାବଳୀ ଓ ପେନସନ ପାଇଁ ସରକାରଙ୍କୁ ଦାବି କରୁଥିବା ବେଳେ ଅଯଥା ବିରୋଧୀ ମନ୍ତବ୍ୟ ଦେବାରୁ କ୍ଷାନ୍ତ ରହିବା ତଥା ବରିଷ୍ଠଙ୍କୁ ସମ୍ମାନ ଦେଇ ମହାବିଦ୍ୟାଳୟ ପରିସରକୁ ଶାନ୍ତ ରଖିବାକୁ ୪୮ ବର୍ଗ ସଂଗଠନ ତରଫରୁ ପରାମର୍ଶ ଦିଆଯାଇଛି। ଏଥିଓହ ମହାବିଦ୍ୟାଳୟରେ ଥିବା ପ୍ରଚଳିତ ନିୟମାନୁଯାୟୀ ଉପଯୁକ୍ତ ପଦୋନ୍ନତି ଦେଇ ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀଙ୍କୁ ସଂଘ ତରଫରୁ ଅନୁରୋଧ କରାଯାଇଛି।

# ଏମ୍‌ପିଙ୍କ ନାଁ ନ ଥିବାରୁ ବିଧାୟକ ନାଁରେ କଳା ବୋଳିଲେ

ଭୁବନେଶ୍ୱର, ୫।୧ (ବନ୍ଦନା ସେଠୀ)

### ବିଏମ୍‌ସିର ୩ ଶୌଚାଳୟ ଉଦ୍‌ଘାଟିତ: ୨ ସ୍ଥାନରେ ଉତ୍ତେଜନା







ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ରବିବାର ସହରର ୩ଟି ସ୍ଥାନରେ ଶୌଚାଳୟ ଉଦ୍‌ଘାଟିତ ହୋଇଛି। ୱାର୍ଡ ନଂ. ୩୭ ଅନ୍ତର୍ଗତ କସ୍ତୁରବା ସ୍କୁଲ ନିକଟ, ୱାର୍ଡ ନଂ. ୬୭ର ସୁନ୍ଦରପଦା ହାଟ ଏବଂ ୱାର୍ଡ ନଂ.୫୫ ଅନ୍ତର୍ଗତ ରଥ ରୋଡ୍‌ରେ ଶୌଚାଳୟ ଖୋଲିଥିବାବେଳେ ୨ଟି ସ୍ଥାନରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। କସ୍ତୁରବା ସ୍କୁଲ ନିକଟ ଶୌଚାଳୟ ଉଦ୍‌ଘାଟନ ପାଇଁ ଲାଗିଥିବା ଫଳକରେ ରହିଥିବା ନାଁକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ନିର୍ଦ୍ଧାରିତ ସମୟରେ ଉଦ୍‌ଘାଟନ କରିବାକୁ ମେୟର, ଡେପୁଟି ମେୟର, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ, ସ୍ଥାନୀୟ କର୍ପୋରେଟରଙ୍କ ସହ ଅନ୍ୟମାନେ ପହଞ୍ଚିଥିଲେ। ତେବେ ଫଳକରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣଙ୍କ ନାମ ଲେଖା ହୋଇଥିବାବେଳେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀଙ୍କ ନାଁ ନ ଥିଲା। ଏହାକୁ ନେଇ ଅସନ୍ତୋଷ ଦେଖାଦେବାବେଳେ କେତେଜଣ ସ୍ଥାନୀୟ ଲୋକ ଫଳକରେ ଥିବା ବିଧାୟକଙ୍କ ନାମରେ କଳା ବୋଳି ଦେଇଥିଲେ। ମେୟର ସୁଲୋଚନା ଦାସ ଏହାଦେଖି ରାଗିଯିବା ସହିତ ସମ୍ପୃକ୍ତ ୱାର୍ଡରେ ଆଉ କୌଣସି ଉନ୍ନତିମୂଳକ କାମ ହେବନାହିଁ ବୋଲି କହି ଚାଲିଯାଇଥିଲେ। ଏନେଇ ବନ୍ଦିତା କହିଛନ୍ତି, ମୋ ୱାର୍ଡରେ ସ୍ଥାନୀୟ କର୍ପୋରେଟରଙ୍କ ତତ୍ତ୍ୱାବଧାନରେ ସୁଲଭ ଶୌଚାଳୟ ନିର୍ମାଣ ହେଉଥିବାବେଳେ ଏହାର ଉଦ୍‌ଘାଟନ ତାରିଖଠାରୁ ଆରମ୍ଭ କରି ଅତିଥି ପର୍ଯ୍ୟନ୍ତ ସବୁକିଛି ବିଏମ୍‌ସି ନିର୍ଦ୍ଧାରିତ କରିଛି। ଅତିଥି ଭାବେ ମୋତେ ନିମନ୍ତ୍ରଣ କାର୍ଡ ପଠାଯାଇଛି। ସେହିପରି ସ୍ଥାନୀୟ ଲୋକେ ଅସନ୍ତୁଷ୍ଟ ହୋଇ ଫଳକରେ କଳା ବୋଳିଥିଲେ। ତେଣୁ ଏହାକୁ ନେଇ ମେୟର ଏଭଳି ପ୍ରତିକ୍ରିୟା ଦେବା ଆଦୌ ଉଚିତ ନୁହେଁ ବୋଲି ସେ ମତ ଦେଇଛନ୍ତି। ଅପରପକ୍ଷେ ୱାର୍ଡ ନଂ. ୬୭ରେ ଉଦ୍‌ଘାଟିତ ହୋଇଥିବା ସୁଲଭ ଶୌଚାଳୟରେ ମୁଖ୍ୟ ଅତିଥି ଭାବେ ଏକାମ୍ର ବିଧାୟକ ଲେଖାଥିବାବେଳେ ବିଧାୟକଙ୍କ ନାଁ ଉଲ୍ଲେଖ କରାଯାଇ ନାହିଁ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ବିଏମ୍‌ସି ବିଧାୟକଙ୍କ ନାଁ ଭୁଲିଗଲା ନା ଜାଣିଶୁଣି ଏଭଳି କରିଛି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

### ଏକାମ୍ର ବିଧାୟକଙ୍କ ନାଁ ଭୁଲିଗଲା ବିଏମ୍‌ସି

## ସଂକ୍ଷେପରେ

### କଣାସ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

କଣାସ,୫।୧(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକର କଣାସଠାରେ ପ୍ରତିଷ୍ଠିତ ଆଞ୍ଚଳିକ କ୍ରୀଡ଼ା ଓ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ନେହେରୁ ଯୁବକେନ୍ଦ୍ର ସହାୟତାରେ ରବିବାର କଣାସ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ର ସହ ସଂଯୋଜକ ଅନୁରାଗ କୁମାର, ସାମାଜିକ କର୍ମୀ ସୁକାନ୍ତ କିଶୋର ସାମନ୍ତରାୟ, ଶିକ୍ଷାବିତ୍ ମହେନ୍ଦ୍ର ରଣସିଂହ, ଦେବରାଜ ରଣହାନ୍ଦଳ, ପରିକ୍ଷିତ ବଡ଼ଜେନା ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପରିଷଦ ସଭାପତି ସଞ୍ଜୟ କୁମାର ଛୁଆଳସିଂହ ଅଧକ୍ଷତା କରିଥିଲେ। ୨ ଦିନ ଧରି ଭଲିବଲ୍, ଫୁଟବଲ୍, ଟାଏକୋଣ୍ଡୋ, କବାଡ଼ି, ବ୍ୟାଡମିଣ୍ଟନ୍, ଖୋ-ଖୋ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଯେଉଁମାନେ କୃତିତ୍ୱ ଅର୍ଜନ କରିବେ, ସେମାନେ ପୁରୀ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ବିଚାରକ ଭାବେ କ୍ରୀଡ଼ା ଶିକ୍ଷକ ବଟକୃଷ୍ଣ ଜେନା, ଶ୍ରୀକାନ୍ତ ନାୟକ ଯୋଗଦେଇଥିଲେ। ପରିଷଦ ସମ୍ପାଦକ ମନୋରଞ୍ଜନ ସୁନ୍ଦରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୮ରେ ଶ୍ରୀନୀଳାଚଳ ନିଖିଳୋତ୍କଳ ପାଲାଗାୟକ ପରିଷଦ ସମ୍ମିଳନୀ
### ଯୋଗଦେବେ ବାବା ବଳିଆ

ପୁରୀ,୫।୧(ଅଜିତ୍ କୁମାର ମହାନ୍ତି)

ଶ୍ରୀନୀଳାଚଳ ନିଖିଳୋତ୍କଳ ପାଲାଗାୟକ ପରିଷଦର ୪୭ତମ ରାଜ୍ୟସ୍ତରୀୟ ସମ୍ମିଳନୀ ଆସନ୍ତା ୮ ଓ ୯ ତାରିଖ ୨ ଦିନ ଧରି ପୁରୀର ଶରଧାବାଲିଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ପରିଷଦ ପକ୍ଷରୁ ରବିବାର ସ୍ଥାନୀୟ ବଳଗଣ୍ଡିସ୍ଥିତ ସାଲବେଗ ପୀଠ ପରିସରରେ ଏକ ଖବରଦାତା ସମ୍ମଳନୀ ଆୟୋଜିତ ହୋଇଯାଇଛି। ସମ୍ମିଳନୀକୁ ବାବା ବଳିଆ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଅନ୍ୟମାନଙ୍କ ମଧ୍ୟରେ ପଣ୍ଡିତ ସୂର୍ଯ୍ୟ ନାରାୟଣ ରଥଶର୍ମା, ଶ୍ରୀମନ୍ଦିର ପୁରୋଧା ଡ. ସିଦ୍ଧେଶ୍ୱର ମହାପାତ୍ରଙ୍କ ସମେତ ବହୁ ମାନ୍ୟଗଣ ସାଧୁସନ୍ଥ, ସାହିତ୍ୟିକଙ୍କ ସହ ଓଡ଼ିଶାର ୩ ହଜାରରୁ ଉର୍ଦ୍ଧ୍ୱ ପାଲା କଳାକାର ଯୋଗଦେବେ। ଏହି ଅବସରରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କରାଯିବ। ଶ୍ରୀ ଗୁଣ୍ଡିଚା ମନ୍ଦିରରୁ ଏହି ସାଂସ୍କୃତିକ ଶୋଭାଯାତ୍ରା ବାହାରି ସିଂହଦ୍ୱାର ଏବଂ ଶ୍ରୀମନ୍ଦିର ଚାରିପାର୍ଶ୍ୱ ପରିକ୍ରମା କରାଯିବ। ଦ୍ୱିତୀୟ ଦିନରେ ୧୦ଟି ପାଲା ଦଳ ପାଲା ପରିବେଷଣ କରିବେ। ସମ୍ମିଳନୀରେ ରାଜ୍ୟ ସମ୍ପାଦକ ବସନ୍ତ ରାଉତ, ଅଖଣ୍ଡ ପୁରୀ ଜିଲା ସଭାପତି ଲକ୍ଷ୍ମୀଧର ଦାଶ, ଗାୟକ ବନବିହାରୀ ଗ୍ରହଚାର୍ଯ୍ୟ, ଲମ୍ବୋଦର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବିଜୟ ଚନ୍ଦ୍ର ସାମନ୍ତରାୟ ପରିଚାଳନା କରିଥିଲେ।

# ଉଚ୍ଛେଦ ହେଲା ୩୫ ଉଠାଦୋକାନ

## ବ୍ୟବସାୟୀଙ୍କୁ ତୁରନ୍ତ ଥଇଥାନ ପାଇଁ ବିଜେଡି ନେତୃବୃନ୍ଦଙ୍କ ଦାବି

ନିମାପଡ଼ା,୫।୧
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ଏନ୍ଏସି ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ଅଭିଯାନ ରବିବାର ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ କୁଶଭଦ୍ରା ନଦୀ ବ୍ରିଜ୍‌ଠାରୁ ଦୋଳବେଦୀ ଛକ ପର୍ଯ୍ୟନ୍ତ ମୁଖ୍ୟରାସ୍ତା କଡ଼ରେ ଥିବା ୩୫ଟି ଉଠାଦୋକାନକୁ ପୋଲିସ ଉପସ୍ଥିତିରେ ଡ୍ରୋଜର ଲଗାଇ ଭାଙ୍ଗି ଦିଆଯାଇଛି। ଫଳରେ ବ୍ୟବସାୟୀଙ୍କ ଲକ୍ଷାଧିକ ମୂଲ୍ୟର ସାମଗ୍ରୀ, ଆସବାବପତ୍ର କ୍ଷତିଗ୍ରସ୍ତ ହୋଇଛି। ପ୍ରଶାସନର ଏହି ଜବରଦଖଲ ଉଚ୍ଛେଦ ଯୋଗୁ ଉଠାଦୋକାନୀମାନେ ଏବେ ବେସାହାରା ହୋଇପଡ଼ିଥିବାବେଳେ ଭାତହାଣ୍ଡି ଉଜୁଡ଼ି ଯାଇଥିବା କ୍ଷତିଗ୍ରସ୍ତ ବ୍ୟବସାୟୀମାନେ କହିଛନ୍ତି। ଟ୍ରାଫିକ ସମସ୍ୟାର ନିରାକରଣ ଓ ପ୍ରବାସୀ ଭାରତୀୟଙ୍କ ଆଗମନକୁ ଆଖି ଆଗରେ ରଖି ପ୍ରଶାସନ ପକ୍ଷରୁ ଏଭଳି କଠୋର ପଦକ୍ଷେପ ନିଆଯାଇଥିବା ବିଭିନ୍ନ ମହଲରେ କୁହାଯାଉଛି। ଆଗକୁ ଏହି ଜବରଦଖଲ ଅଭିଯାନ ଜାରି ରହିବ ଓ ମୁଖ୍ୟତଃ ତଳଅଣ୍ଟିଆ ଛକ ପର୍ଯ୍ୟନ୍ତ ରାସ୍ତା କଡ଼ରେ ଜବରଦଖଲରେ ଥିବା ଦୋକାନକୁ ଉଚ୍ଛେଦ କରାଯିବ ବୋଲି ଏନ୍ଏସି ପ୍ରଶାସନ ପକ୍ଷରୁ କୁହାଯାଇଛି। ଗରିବ ବ୍ୟବସାୟୀଙ୍କୁ ଥଇଥାନ କରା ନ ଯାଇ ହଠାତ୍ ପ୍ରଶାସନ ପକ୍ଷରୁ ଏଭଳି ଉଚ୍ଛେଦ କରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦାର ବିଷୟ ବୋଲି ବିଜେଡି ନେତା ଦିଲୀପ ନାୟକ, ଦିଲୀପ ପାତ୍ର, ମାନସ ପ୍ରଧାନ, ଅରୁଣ ପ୍ରସାଦ ଦାଶ ପ୍ରମୁଖ କହିଥିବାବେଳେ ଏନ୍ଏସି ପକ୍ଷରୁ ଭେଣ୍ଡିଂ ଜୋନ ନିର୍ମାଣ କରାଯାଇ ଉଚ୍ଛେଦ ବ୍ୟବସାୟୀଙ୍କୁ ତୁରନ୍ତ ଥଇଥାନ କରାଯିବାକୁ ବିଜେଡି ନେତୃବୃନ୍ଦ ପ୍ରଶାସନଠାରେ ଦାବି କରିଛନ୍ତି। ଉଚ୍ଛେଦ ବେଳେ ଏନ୍ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, ଅତିରିକ୍ତ ତହସିଲଦାର ନିରଞ୍ଜନ ନାୟକ, ସହକାରୀ ଯନ୍ତ୍ରୀ ଅନାଥ ସାହୁ, ପରିମଳ ଅଧିକାରୀ ବିଜୟ ଗ୍ରହାଚାର୍ଯ୍ୟ ଓ ସଶସ୍ତ୍ର ପୋଲିସ ଉପସ୍ଥିତ ଥିଲା। ଏହି ଜବରଦଖଲ ଉଚ୍ଛେଦ ସମ୍ପର୍କରେ ପୂର୍ବରୁ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରାଯାଇ ବାରମ୍ବାର ଅବଗତ କରାଯାଇଥିବା ଏନ୍ଏସି ପ୍ରଶାସନ ପକ୍ଷରୁ କୁହାଯାଉଛି। ସହରକୁ ସରସ ସୁନ୍ଦର କରି ଗଢ଼ି ତୋଳିବା, ଟ୍ରାଫିକ୍ ନିୟନ୍ତ୍ରଣ, ପକ୍କା ଚଉଡ଼ା ରାସ୍ତା ନିର୍ମାଣ, ମୁଖ୍ୟରାସ୍ତାରେ ସୁଚାରୁ ରୂପେ ଯାନବାହନ ଚଳାଚଳ କରିବା ଏହି ଜବରଦଖଲ ଉଚ୍ଛେଦର ମୁଖ୍ୟଲକ୍ଷ୍ୟ ବୋଲି ଏନ୍ଏସି କର୍ତ୍ତୃପକ୍ଷ ଚିନ୍ମୟ ଦାସ କହିଛନ୍ତି।


ଏନ୍ଏସି ପ୍ରଶାସନ ପକ୍ଷରୁ ଡ୍ରୋଜର ଲଗାଇ ଉଠା ଦୋକାନ ଉଚ୍ଛେଦ କରାଯାଉଛି।

# ଦୁର୍ବୃତ୍ତଙ୍କ ଟେର୍ ପାଉନି ପୋଲିସ

## ସୁନା ଦୋକାନୀଙ୍କୁ ଗୁଳିକାଣ୍ଡ ଘଟଣାକୁ ୩ମାସରୁ ଉର୍ଦ୍ଧ୍ୱ ବିତିଲାଣି

କାକଟପୁର/ଅସ୍ତରଙ୍ଗ,୫।୧
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

କାକଟପୁର ଥାନା ଅଞ୍ଚଳରେ ଦିନକୁ ଦିନ ଅପରାଧୀଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଛି। କେତେବେଳେ ସୁନା ଦୋକାନୀଙ୍କୁ ଗୁଳି ତ ଆଉ କେତେବେଳେ ଫ୍ଲିପ୍‌କାର୍ଟ ଅଫିସ୍‌ରେ ବନ୍ଧୁକ ଦେଖାଇବା ଆଉ କେତେବେଳେ ମନ୍ଦିରରୁ ଚୋରି ତ ଆଉ କେତେବେଳେ ଘର ନିକଟରୁ ସୁନା ଚେନ ଛିଣ୍ଡାଇ ଆଖି ପିଛୁଳାକେ ବାଇକ୍ ଧରି ଛୁ ମାରୁଛନ୍ତି। କାକଟପୁର ଥାନା ଅଞ୍ଚଳରେ ଜଣେ ସୁନା ଦୋକାନୀଙ୍କୁ ବନ୍ଧୁକଧାରୀ ଗୁଳି ମାରି ଫେରାର୍ ଘଟଣାକୁ ୩ମାସ ବିତି ଯାଇଥିଲେ ମଧ ଏପର୍ଯ୍ୟନ୍ତ ଦୁର୍ବୃତ୍ତଙ୍କ ଟେର୍ ପାଉନି ପୋଲିସ।

କାକଟପୁର ଥାନା ଅନ୍ତର୍ଗତ କୁଣ୍ଢେଇ ତିନିଛକ ନିକଟରେ ଥିବା ସାହୁ ଜୁଏଲେରୀ ମାଲିକ ନିରଞ୍ଜନ ସାହୁଙ୍କୁ ୧୬ ସେପ୍ଟେମ୍ବର ୨୦୨୪ ସନ୍ଧ୍ୟାରେ ୨ଜଣ ଦୁର୍ବୃତ୍ତ ମୁହଁରେ ମାସ୍କ ପିନ୍ଧି ଆସି ୨ରାଉଣ୍ଡ ଗୁଳି ଚଳାଇଥିଲେ। ଏହା ପରେ ଘଟଣାସ୍ଥଳରୁ ଦୁର୍ବୃତ୍ତ ଫେରାର୍ ହୋଇଥିଲେ। ଗୁଳିକାଣ୍ଡରେ ମାଲିକ ନିରଞ୍ଜନ ସାହୁ କାକଟପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା।

ଏ ନେଇ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଷ୍ଣୁ ପ୍ରସାଦ ପତି କହିଛନ୍ତି, ଏହି ଘଟଣାରେ କିଛି ଖବର ମିଳିଛି। କିଛି ସୁରାକ ଅଛି କ୍ଲୁ ମଧ ମିଳିଛି ଯଥାଶୀଘ୍ର ଏହାର ଅଭିଯୁକ୍ତଙ୍କୁ ଧରାଯିବ। ଅନ୍ୟ ପଟେ ପୋଲିସ ଏଯାବତ ଦୁର୍ବୃତ୍ତଙ୍କୁ ଧରିବାରେ ବିଫଳ ହୋଇଛି। ଅନ୍ୟପଟେ ଏଭଳି ଘଟଣା ପରେ ପୋଲିସର କଡ଼ା ପାଟ୍ରୋଲିଂ ପାଇଁ ବିଭିନ୍ନ ମହଲରେ ଦାବି କରାଯାଇଥିଲେ ହେଁ ଏହା କରାଯାଉ ନ ଥିବାରୁ ଦୁର୍ବୃତ୍ତଙ୍କ ଦୌରାତ୍ମ୍ୟ କ୍ରମାଗତ ଭାବେ ବଢ଼ିବାରେ ଲାଗିଛି।

# 'ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ପାଇଁ ଆମେ ପ୍ରତିବଦ୍ଧ'

## ବିଶ୍ୱନାଥଦେବ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

ଡେଲାଙ୍ଗ,୫।୧(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକରେ ପର୍ଯ୍ୟାପ୍ତ ପର୍ଯ୍ୟଟନର ଭିତ୍ତିଭୂମି ରହିଛି। ଏହାର ବିକାଶ କରାଯାଇ ସ୍ଥାନୀୟ ଯୁବକଙ୍କ ରୋଜଗାରକ୍ଷମତା ବୃଦ୍ଧି କରିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଡ଼ମୋଟରି ବିଶ୍ୱନାଥ ଦେବ ଉଚ୍ଚ ବିଦ୍ୟାପୀଠର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପନୀ ସଭାରେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ପ୍ରସିଦ୍ଧ ପାହାଡ଼ ଶୀର୍ଷ ବିଶ୍ୱନାଥ ଦେବ ମନ୍ଦିରକୁ ସଡ଼କ, ଗଡମୋଟରି ଠାରୁ ବସନ୍ତପୁର ଦେଇ ରେଙ୍ଗଲର ପ୍ରସିଦ୍ଧ ଅରାଗଡ଼ ବୌଦ୍ଧପୀଠକୁ ସଡ଼କ ସଂଯୋଗ ଏବଂ ଖୋର୍ଦ୍ଧାରୁ ପଟ୍ଟନାୟକିଆ ୩୫ କି.ମି. ସଡ଼କକୁ ରାଜପଥ ମାନ୍ୟତା ଦିଆଯାଇ ପ୍ରଶସ୍ତୀକରଣ, ୮୫ ଏକର ପରିମିତ ଘୋରଡ଼ିଆ ତରା ପୁଷ୍କରିଣୀର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ, ବେରବୋଇ ଗାନ୍ଧୀ ସ୍ମୃତି ପୀଠ ଆଦି ପର୍ଯ୍ୟଟନ ଭିତ୍ତିଭୂମିର ବିକାଶକୁ ଅଗ୍ରାଧିକାର ଭିତ୍ତିରେ ଧ୍ୟାନ ଦିଆଯିବ ବୋଲି ମନ୍ତ୍ରୀ ହରିଚନ୍ଦନ ସ୍ଥାନୀୟ ଅଧିବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

୫୦ ବର୍ଷ ପୂର୍ବେ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା ସମୟର ୧ମ ଛାତ୍ର ହୃଷିକେଶ ହରିଚନ୍ଦନ ଏହି ସମାବେଶରେ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ସୂଚନା ଆୟୋଗ ତଥା ଏହି ଗ୍ରାମର ଅଧିବାସୀ, ସିୱାଇଏସ୍‌ଡି ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଜଗନାନନ୍ଦ ମୁଖ୍ୟବକ୍ତା ଭାବେ ଯୋଗଦେଇ ଯୁବ ସମାଜ ନିଶା ଓ ହିଂସାରୁ ଦୂରରେ ରହିଲେ ସର୍ବାଙ୍ଗୀନ ବିକାଶ ସମ୍ଭବ ହେବ ବୋଲି ମତପ୍ରକାଶ କରିଥିଲେ। ଏମ୍‌ପି ଡ. ସମ୍ବିତ ପାତ୍ର ଏହି ବିଦ୍ୟାଳୟ ପିଏମ୍‌ଶ୍ରୀ ଆଦର୍ଶ ବିଦ୍ୟାଳୟ ଭାବେ ଚିହ୍ନଟ ହୋଇଥିବାରୁ ବିଦ୍ୟାଳୟର ଭବିଷ୍ୟତ ବିକାଶ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ବିଧାୟକ ଆଶ୍ରିତ ପଟ୍ଟନାୟକ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପର୍ଶୁରାମ ଜେନା, ପ୍ରତିଷ୍ଠାତା ଶିକ୍ଷକ ରମେଶ ଚନ୍ଦ୍ର ରାଉତରାୟ, ପୁରୀ ଜିଲା ଅତିରିକ୍ତ ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମର୍ଥା ପ୍ରମୁଖ ମଞ୍ଚାସୀନ ରହି ପୂର୍ବରୁ ଅନୁଷ୍ଠିତ ଖେଳକୁଦ, ତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ନୃତ୍ୟସଙ୍ଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକା 'ଗୌରବ'କୁ ଅତିଥିମାନେ ଲୋକାର୍ପଣ କରିଥିଲେ। ପ୍ରାକ୍ତନ ଛାତ୍ର ତଥା ଶିକ୍ଷା ସଙ୍ଗଠକ ଗଙ୍ଗାଧର ବରାଳ ମଞ୍ଚ ସଂଯୋଜନା କରିଥିଲେ। ପ୍ରାକ୍ତନ ଛାତ୍ର ତଥା ଗାଦିବ୍ରହ୍ମ ସ୍ନାତକ ମହାବିଦ୍ୟାଳୟ ଅଧକ୍ଷ ଡ. ସରୋଜ କୁମାର ପଣ୍ଡା, ପ୍ରେମାନନ୍ଦ ମହାନ୍ତି, ହରିହର ବଳବନ୍ତରାୟ , କୌଶଲ୍ୟା ପାତ୍ର, ପ୍ରଶାନ୍ତ ଜେନା, ସରପଞ୍ଚ ମାର୍କଣ୍ଡେୟ ମଙ୍ଗରାଜ, ପୂର୍ବତନ ସରପଞ୍ଚ ବିପିନ ବଳବନ୍ତରାୟ, ଗୋପୀନାଥ ହରିଚନ୍ଦନ, କାହ୍ନୁ ଚରଣ ମାଝି, କଳାକାର କିଶୋର ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମେତ ଅନ୍ୟ ଅତିଥିମାନେ ।

### ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ୧୬୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ

ପିପିଲି,୫।୧(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ପିପିଲି ଜଇସପାଟଣାସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିର ଆନୁକୂଲ୍ୟରେ ୪ର୍ଥ ରାଜ୍ୟସ୍ତରୀୟ ବିଜ୍ଞାନ ମେଳା ନିକଟସ୍ଥ ଶାନ୍ତି ମୈଦାନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ଶିକ୍ଷା ବିକାଶ ପରିଷଦ, ଓଡ଼ିଶା ପକ୍ଷରୁ ଆୟୋଜିତ ଏହି ମେଳାରେ ବିଭିନ୍ନ ଜିଲାରୁ ୧୬ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ପ୍ରାୟ ୧୬୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ସ୍ଥାନ ପାଇଥିବାବେଳେ ଜଳ ସଂରକ୍ଷଣ, ମୃତ୍ତିକା ସଂରକ୍ଷଣ, ଜଳର ବ୍ୟବହାର ଓ ଟ୍ରାଫିକ ନିୟମର ପ୍ରକଳ୍ପଗୁଡ଼ିକ ଏଥିରେ ମୁଖ୍ୟ ଆକର୍ଷଣ ହୋଇଥିଲା। ଏଥିରେ ବିଚାରକ ଭାବେ ସ୍ଥାନୀୟ ସିଆର୍‌ସିସି ଚିନ୍ତାମଣି ଓଝା, ବରିଷ୍ଠ ବିଜ୍ଞାନ ଶିକ୍ଷକ ହେମନ୍ତ ପ୍ରଧାନ, ବିଜୟାନନ୍ଦ ମହାକୁଡ଼, ଶିକ୍ଷୟିତ୍ରୀ ସୁଶ୍ରୀ ସଙ୍ଗୀତା ମହାପାତ୍ର ପ୍ରମୁଖ ଯୋଗଦେଇ ପ୍ରକଳ୍ପଗୁଡିକର ଅନୁଧ୍ୟାନ କରିଥିଲେ। ଉତ୍କଳ ଶିକ୍ଷା ବିକାଶ ପରିଷଦ ସଭାପତି ମଙ୍ଗୁଳି ଚରଣ ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଓୟୁଏଟି ବରିଷ୍ଠ ବୈଜ୍ଞାନିକ ଡ. ବିକ୍ରମ କେଶରୀ ପାଣି, ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ରନାଥ ନନ୍ଦ ଯୋଗଦେଇଥିଲେ। ଉତ୍କଳ ଶିକ୍ଷା ବିକାଶ ପରିଷଦ ସମ୍ପାଦକ ସୁରେନ୍ଦ୍ର କୁମାର ଖୁଣ୍ଟିଆ ଉପସ୍ଥିତ ଥିଲେ। ଶିକ୍ଷକ ସନ୍ତାପ ସ୍ୱାଇଁ ସଭା ପରିଚାଳନା କରିଥିଲେ। ବିଦ୍ୟାଳୟ ସମ୍ପାଦକ ସଞ୍ଜିତ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ। ବିଜ୍ଞାନ ମେଳା କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଜୟଦେବ ସ୍ପୋର୍ଟିଂକୁ ହରାଇ ମାଷ୍ଟର କ୍ଲବ ସେମିରେ


ଅତିଥିମାନେ ମ୍ୟାନ ଅଫ୍ ଦି ମ୍ୟାଚ୍ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

## ରାଜ୍ୟସ୍ତରୀୟ ୨୯ତମ ନିମାପଡ଼ା କପ୍ କ୍ରିକେଟ

ନିମାପଡ଼ା,୫।୧
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ଆଥଲେଟିକ୍ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଆୟୋଜିତ ରାଜ୍ୟସ୍ତରୀୟ ୨୯ତମ ନିମାପଡ଼ା କପ୍ କ୍ରିକେଟ୍ ଓ ପ୍ରଥମ ତାପସ ସ୍ମାରକୀ କ୍ରିକେଟ୍ ପ୍ରତିଯୋଗିତା ରବିବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚରେ ଭୁବନେଶ୍ୱର ଜୟଦେବ ସ୍ପୋର୍ଟିଂକୁ ପରାସ୍ତ କରି କଟକର ମାଷ୍ଟର କ୍ଲବ ୪ ରନ୍‌ରେ ବିଜୟ ହାସଲ କରି ସେମିରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ମାଷ୍ଟର କ୍ଲବ ନିର୍ଦ୍ଧାରିତ ୨୫ ଓଭରରୁ ୨୩. ୫ ଓଭରରେ ସମସ୍ତ ଉଇକେଟ ହରାଇ ୧୧୪ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବି.ଆର୍. ଶୁଭ୍ରଦୀପ ସର୍ବାଧିକ ୪୩ ରନ୍ କରିଥିଲେ। ପ୍ରତିପକ୍ଷ ଜୟଦେବ ସ୍ପୋର୍ଟିଂର ବୋଲର ପବିତ୍ର ବରାଳ ୪ଟି, ବିଦ୍ୟାଧର ବେହେରା ଓ ଲକ୍ଷ୍ମୀଧର ପ୍ରଧାନ ପ୍ରତ୍ୟେକ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ୨ୟାର୍ଦ୍ଧରେ ବ୍ୟାଟିଂ କରି ଜୟଦେବ ସ୍ପୋର୍ଟିଂ ୭ଟି ଉଇକେଟ୍ ହରାଇ ୧୧୦ ରନ୍ କରି ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ଅମିତାଭ ରାଉତ ସର୍ବାଧିକ ୨୯ ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ମାଷ୍ଟର କ୍ଲବର ବୋଲର ଦେବେନ୍ଦ୍ର ସିଂ ୨ଟି ଓ ଅଭିଷେକ ପାଣ୍ଡେ ୨ଟି ଉଇକେଟ୍ ନେଇଥିଲେ। ଅମ୍ପାୟାର ଭାବେ ତ୍ରିଭୁବନ ଦାଶ ଓ ଦେବେନ୍ଦ୍ରନାଥ ମିଶ୍ର ମ୍ୟାଚ ପରିଚାଳନା କରିଥିଲେ। ବିଜୟୀ ମାଷ୍ଟର କ୍ଲବ ଖେଳାଳି ବି.ଆର୍. ଶୁଭ୍ରଜିତ୍‌ଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ଓମ୍ ରଞ୍ଜନ ପ୍ରଧାନ ଓ ପ୍ରିୟାଂଶୁ ପଲେଇ ମ୍ୟାଚ୍‌ରେ ସ୍କୋରର ଥିଲେ। ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଶିକ୍ଷାବିତ୍ ଜଗତ ପ୍ରସାଦ ସାବୁତ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, କ୍ରିକେଟ ସମ୍ପାଦକ ଅକ୍ଷୟ କୁମାର ବେହେରା, ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ଜୀବନାନନ୍ଦ ମହାପାତ୍ର, କାଉନସିଲର ରାଜକିଶୋର ସାହୁ, ବିଶିଷ୍ଟ ବ୍ୟବସାୟୀ ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

# ୨୦ ପ୍ରଜାତିର ୨୦୦ରୁ ଉର୍ଦ୍ଧ୍ୱ କୁକୁର ସାମିଲ



ପୁରୀ କେନେଲ କ୍ଲବ ପକ୍ଷରୁ ତାଳବଣିଆସ୍ଥିତ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଡଗ୍ ଶୋ'।

## କେନେଲ୍ କ୍ଲବ ପକ୍ଷରୁ ଡଗ୍ ଶୋ'

ପୁରୀ,୫।୧(ଅଜିତ୍ କୁମାର ମହାନ୍ତି)

ପୁରୀ କେନେଲ୍ କ୍ଲବ ପକ୍ଷରୁ ତାଳବଣିଆସ୍ଥିତ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ଡଗ୍ ଶୋ' ରବିବାର ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷକୁ ମିଶାଇ ପୁରୀରେ ୫ମ ଥର ପାଇଁ ଏହି ଶୋ'ର ଆୟୋଜନ ହୋଇଥିଲା। କୁକୁରଙ୍କ ବିଷୟରେ ସଚେତନ କରାଇବା, ବିଭିନ୍ନ ପ୍ରଜାତିର କୁକୁରଙ୍କୁ ଏକାଠି କରିବା ସହ କୁକୁରପ୍ରେମୀଙ୍କୁ ଆକର୍ଷିତ କରିବା ଏହାର ଲକ୍ଷ୍ୟ ଥିଲା। ଏଥିରେ ଭିନ୍ନ ଭିନ୍ନ ୨୦ଟି ପ୍ରଜାତିର ୨୦୦ରୁ ଅଧିକ କୁକୁର ଭାଗ ନେଇ ଥିବାବେଳେ ଏହା କୁକୁରପ୍ରେମୀଙ୍କୁ ବେଶ ଆକର୍ଷିତ କରିଥିଲା। ଜର୍ମାନ ସେଫର୍ଡ, ଲାବ୍ରାଡର, ହକ୍କି ପ୍ରଜାତି, ଡୋଗର ମ୍ୟାନ୍, ଡାଲମିସିଆନ୍ ସ୍ପିଞ୍ଜ ଆଦି ବିଭିନ୍ନ ପ୍ରକାର ପ୍ରଜାତିର କୁକୁରଙ୍କୁ ଆୟୋଜିତ ଖେଳପଡ଼ିଆଠାରେ ଦେଖିବାକୁ ମିଳିଥିଲା। କୁକୁରଙ୍କୁ ଲାଳନପାଳନ ଓ ସେମାନଙ୍କ ରକ୍ଷଣାବେକ୍ଷଣ ସମ୍ପର୍କରେ ମଧ ଏହି ଡଗ୍ ଶୋ' ବେଶ୍ ସହାୟକ ହୋଇଛି। ସେପଟେ ଏହି ଡଗ୍ ଶୋ' ଦ୍ୱାରା ଲୋକେ କୁକୁରଙ୍କ ସମ୍ପର୍କରେ ଅନେକ କଥା ଜାଣିପାରିଥିବା କୁକୁରପ୍ରେମୀମାନେ ମତ ପ୍ରକାଶ କରିଛନ୍ତି। ଉତ୍ତମ ପ୍ରଦର୍ଶନ ଓ ସୁନ୍ଦର ସ୍ୱାସ୍ଥ୍ୟ ଆଧାରରେ କୁକୁରଙ୍କୁ ବିଜେତା ଘୋଷଣା କରାଯାଇଥିଲା। ପ୍ରତ୍ୟେକ ପ୍ରଜାତିର କୁକୁରଙ୍କୁ ନେଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଦିଆଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ଦାସ, ଦିଲୀପ କୁମାର ବରାଳ, ଡ. ଅର୍ଣ୍ଣବ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାର ବିଚାରକ ଭାବେ ସମ୍ବିତ୍ ପଟ୍ଟନାୟକ ଓ ହରିଶଙ୍କର ପଟ୍ଟନାୟକ ଯୋଗଦେଇଥିଲେ। ଅମରେଶ ତରାଇଙ୍କ ଡୋଗରମ୍ୟାନ ପ୍ରଜାତିର କୁକୁର 'ଜିୟସ', ସୌମ୍ୟ ପ୍ରଧାନଙ୍କ ଡାଲମିସିଆନ ପ୍ରଜାତିର କୁକୁର 'କାନୋୟ', ଶୁଭଶ୍ରୀ ସାହୁଙ୍କ ବକ୍ସର ପ୍ରଜାତିର କୁକୁର 'ଟାଇଗର', ଅର୍ଜିତ ଦାସଙ୍କ ଜର୍ମାନ ସେଫର୍ଡ ପ୍ରଜାତିର କୁକୁର 'ଜେମ୍ସ', କେ. ରାଜେଶ ରାଓଙ୍କ ଚିଉବାବା ପ୍ରଜାତିର 'କ୍ୟାଣ୍ଡି', ଦିଲୀପ ବେହେରାଙ୍କ କୁକୁର 'ଲିଓ' ଏବଂ ବିଶ୍ୱଜିତ୍ ରଥଙ୍କ କୁକୁର 'ହନି' ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରିବା ସହ ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମକୁ କ୍ଲବ ସଭାପତି ବିଶ୍ୱନାଥ ଜେନା, ସମ୍ପାଦକ ବିଶ୍ୱଜିତ୍ ପଟ୍ଟନାୟକ, ସଭ୍ୟ ଲିଟନ କୁମାର ଦାସ, ଦିଲୀପ ପଣ୍ଡା, ଭବାନୀ ଶଙ୍କର ଦାସ, ସୁନିଲ୍ ମହାଜନ ଏବଂ ଅଜୟ ସାସମଲ ପ୍ରମୁଖ ପରିଚାଳକ, କେ. ରାଜେଶ୍ୱର ରାଓ, ପ୍ରଭୁପାଦ ପୋଥାଳ, ପ୍ରତୀକ ଦାସ, ବିକାଶ ସାହୁ ଓ ରାଜେନ୍ଦ୍ର କୁମାର ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# 'ବ୍ୟାବହାରିକ ଶିକ୍ଷାର ଯଥେଷ୍ଟ ଆବଶ୍ୟକତା ରହିଛି'

ଗୋପ,୫।୧(ଭାରତୀ ଭୂଷଣ ଉପାଧ୍ୟାୟ)

ଶିକ୍ଷା ଅଧ୍ୟୟନ ପାଇଁ ଯେପରି ପାଠ୍ୟପୁସ୍ତକର ଆବଶ୍ୟକତା ପଡ଼ିଥାଏ, ସେହିପରି ବ୍ୟବହାରିକ ଶିକ୍ଷା ଆବଶ୍ୟକତା ରହିବା ଦରକାର ବୋଲି ଗୋପ ବାଲିପଡ଼ିଆ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୯ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ପ୍ରକାଶ କରିଛନ୍ତି। ପ୍ରଧାନ ଆଚାର୍ଯ୍ୟ ତୋଫାନ ଦଳାଇଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତିର ନିର୍ଦ୍ଦେଶକ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ବଳରାମ ଦାଶ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମହେନ୍ଦ୍ର କୁମାର ପାଢ଼ୀ, ସ୍କୁଲ ସଭାପତି ଦାମୋଦର ପାଢ଼ୀ, ସମ୍ପାଦକ ସତ୍ୟନାରାୟଣ ସେନାପତି ପ୍ରମୁଖ ଯୋଗଦେଇ ଶିକ୍ଷା ଆମମାନଙ୍କର ଜୀବନରେଖା ସାବ୍ୟସ୍ତ କରିବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଆଣିବା ସହିତ ରାଜ୍ୟରେ ୧୨ ହଜାରରୁ ଅଧିକ ଛୋଟବଡ଼ ଶିକ୍ଷାନୁଷ୍ଠାନର ୧ଲକ୍ଷରୁ ଅଧିକ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉଜ୍ଜ୍ୱଳ କରି ଭଲ ମଣିଷ ଗଢ଼ିପାରୁଛି ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିବା ବେଳେ ବିଭିନ୍ନ କ୍ଷେତ୍ରରେ ଓ ଶିକ୍ଷା, କ୍ରୀଡ଼ା ସହିତ ଅନ୍ୟାନ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଥିବା ଛାତ୍ରୀଛାତ୍ରଙ୍କୁ ସ୍କୁଲ ପକ୍ଷରୁ ସାର୍ଟିଫିକେଟ ସହିତ ମେଡାଲ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସ୍କୁଲର ସହ ସମ୍ପାଦକ କମ୍ବୁପାଣି ମଲ୍ଲିକ, ରଶ୍ମିରଞ୍ଜନ ପଟ୍ଟନାୟକ, ବବିତା ପ୍ରଧାନ, ବବିତା ସେନାପତି, ସୁଜାତା ମହାନ୍ତି, ସ୍ମିତାରେଖା ଜେନା, ଦେବାଶିଷ ଦୀକ୍ଷିତ, ଅନନ୍ୟା ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

ଫର୍ମ ନଂ. 13
ରଣ ଅସୁଲି ନ୍ୟାୟାଧିକରଣ: କଟକ
ସି-71, ସେକ୍ଟର- 7, ସିଡିଏ,
କଟକ- 753014, ଓଡ଼ିଶାଙ୍କ ଇଜିଲାସରେ
ଓ.ଏ. ନଂ.325/2024
ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍ ...ଆବେଦନକାରୀ
ବନାମ
ବୀରେନ୍ଦ୍ର ପ୍ରଧାନ ...ପ୍ରତିବାଦୀ
ପ୍ରାପ୍ତେଷୁ,
ପ୍ରତିବାଦୀ
ବୀରେନ୍ଦ୍ର ପ୍ରଧାନ,
ପିତା- ଶ୍ରୀ ମଙ୍ଗୁଳି ଚରଣ ପ୍ରଧାନ,
ଡିବିଏଲ୍ କ୍ୟାମ୍ପ ଅଫିସ୍, ସ୍ଥାନ/ପୋଷ୍ଟ- ନଳାଙ୍ଗ, ସାଇ ମନ୍ଦିର ନିକଟ, ଥାନା- ଭଦ୍ରକ ଗ୍ରାମୀଣ, ଜିଲ୍ଲା- ଭଦ୍ରକ, ଓଡ଼ିଶା, ପିନ୍- 756112 ଓ ସ୍ଥାୟୀ ବାସିନ୍ଦା- ଗ୍ରାମ- ଭାପୁର, କାଳୀ ମନ୍ଦିର ନିକଟ, ପୋଷ୍ଟ- ବଡ଼ସିରେଇପୁର, ଭାୟା/ଥାନା- ବାଣପୁର, ଜିଲ୍ଲା- ଖୋର୍ଦ୍ଧା, ପିନ୍ କୋଡ୍- 752031
ପ୍ରାର୍ଥନା କରାଯାଇଥିବା ଆଶ୍ୱସ୍ତି କାହିଁକି ମଞ୍ଜୁର କରା ନ ଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଯୋଗେ ସମନ
ନୋଟିସ ଦିଆଯାଉଛି ଯେ, ଆବେଦନକାରୀ-ବ୍ୟାଙ୍କ ରଣ ଅସୁଲି ନ୍ୟାୟାଧିକରଣ, କଟକ ଅଦାଲତଙ୍କ ନିକଟରେ ଟ.24,67,059/- (ଟଙ୍କା ଚବିଶ ଲକ୍ଷ ସତଷଠି ହଜାର ଅଣଷଠି ମାତ୍ର) ସମେତ ଚଳିତ ତଥା ପରବର୍ତ୍ତୀ ସୁଧ, ବ୍ୟୟର ଅସୁଲି ଏବଂ ଅନ୍ୟାନ୍ୟ ଆଶ୍ୱସ୍ତି ନିମନ୍ତେ ଓ.ଏ. ନଂ. 325/2024 ପ୍ରକ୍ରିୟା ଆରମ୍ଭ କରିଛନ୍ତି। ତେଣୁ, ଉକ୍ତ ଓଏ ନିମନ୍ତେ ପ୍ରାର୍ଥନା କରାଯାଇଥିବା ଆଶ୍ୱସ୍ତି କାହିଁକି ମଞ୍ଜୁର କରାଯିବ ନାହିଁ ତାହାର କାରଣ ଦର୍ଶାଇବା ନିମନ୍ତେ ଏହି ନୋଟିସ ପ୍ରକାଶନ ତାରିଖରୁ 30 ଦିନ ମଧ୍ୟରେ କିମ୍ବା ତା24.02.2025ରିଖ ପୂର୍ବାହ୍ନ 10.30 ଘଟିକାରେ ବ୍ୟକ୍ତିଗତ ଭାବେ କିମ୍ବା ଜଣେ ଓକିଲ ଅଥବା ବିଧିବଦ୍ଧ ଭାବେ ଅଧିକୃତ ଏଜେଣ୍ଟଙ୍କ ଜରିଆରେ ଏହି ନ୍ୟାୟାଧିକରଣଙ୍କ ସମ୍ମୁଖରେ ନିଜର ପକ୍ଷ ଉପସ୍ଥାପନ କରିବା ପାଇଁ ଆପଣଙ୍କୁ ନିର୍ଦ୍ଦେଶ ଦିଆଯାଉଛି।
ନୋଟିସ ଦିଆଯାଉଛି ଯେ, ଏଥିରେ ଖିଲାପ କରାଗଲେ ଆପଣଙ୍କ ଅନୁପସ୍ଥିତିରେ ଓଏ'ର ଶୁଣାଣି ଓ ଫଇସଲା କରାଯିବ।
ମୋ ଦସ୍ତଖତ ଓ ଏହି ନ୍ୟାୟାଧିକରଣଙ୍କ ମୋହର ଅଧୀନରେ ଅଦ୍ୟ 19 ଡିସେମ୍ବର, 2024 ରେ ପ୍ରଦତ୍ତ।
(ନିଖିଳ ରଞ୍ଜନ ପତି)
ନିବନ୍ଧକ

ODISHA HYDRO POWER CORPORATION LTD.
(A Gold Rated State PSU)
O/O Sr. GENERAL MANAGER, Rengali Hydro Electric Project, Rengali
P.O : RENGALI DAM SITE, DIST : ANGUL (ODISHA) INDIA, PIN : 759105
TEL : 06760-266031, Email : sgmel500@gmail.com
No.OHPC : RHEP/TW/PUR-III-146/8950 /Date : 27.12.2024
TENDER CALL NOTICE No. 39/2024-25
No.CAD-2027 : Sealed Tenders are invited in two part i.e (i) Techno Commercial bid & (ii) Price bid in separate sealed envelopes from the reputed manufacturers of Power Transformer for the work as mentioned below.

| Description of Materials / Services | Cost of tender paper (Non-refundable) in Rs. | EMD (Refundable) | Period of availability of tender at OHPC website (Sale) | Last date & Time of receipt of Tender | Date & Time of opening of Techno Commercial bid |
|---|---|---|---|---|---|
| Supply, Installation, Testing & Commissioning of one no. 20 MVA, 220/33 KV Station Service Transformer for RHEP, Rengali | Rs. 11,800/- (Rs. 10,000/- + GST@18%) | Rs. 4,99,270.00 | From Dt. 08.01.2025 to Dt. 06.02.2025 (Up to 04:00 P.M.) | Up to 04:30 P.M. Dt. 06.02.2025 | At 05:00 P.M. Dt. 06.02.2025 |

For details of the tender documents, terms and conditions please visit our website www.ohpcltd.com.
OIPR-04022/11/0039/2425 Sd./- Unit Head, RHEP, Rengali



ଫଟୋ: ବିକାଶ ନାୟକ

# ଆଦିବାସୀ ମେଳା ଉଦ୍‌ଘାଟିତ

## ଜନଜାତିର ବିକାଶ ନ ହେଲେ ରାଜ୍ୟର ଉନ୍ନତି ଅସମ୍ଭବ: ମୁଖ୍ୟମନ୍ତ୍ରୀ

### ଲେଜର ଶୋ', ଲାଇଟ୍ ଆଣ୍ଡ୍ ସାଉଣ୍ଡ୍ ଶୋ' ଆକର୍ଷଣ

ଭୁବନେଶ୍ୱର,୫।୧ (ସୌମ୍ୟରଞ୍ଜନ ରାଉତ)

ଭୁବନେଶ୍ୱର ୟୁନିଟ-୩ ପ୍ରଦର୍ଶନୀ ପଡ଼ିଆରେ ଆଦିବାସୀ ମେଳା ଆରମ୍ଭ ହୋଇଛି। ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମେଳାକୁ ଉଦ୍‌ଘାଟନ କରି କହିଛନ୍ତି, ଓଡିଶାର ପ୍ରାୟ ଏକ ଚତୁର୍ଥାଂଶ ଜନସଂଖ୍ୟା ହେଉଛନ୍ତି ଜନଜାତି। ଏତେ ସଂଖ୍ୟକ ଲୋକଙ୍କର ବିକାଶ ନ ହେଲେ, ରାଜ୍ୟର ଉନ୍ନତି ଅସମ୍ଭବ। ସ୍ୱାଧୀନତାର ୭୫ବର୍ଷ ବିତିଯାଇଥିଲେ ମଧ୍ୟ ପ୍ରତିଟି ସାମାଜିକ ତଥା ଅର୍ଥନୈତିକ ସୂଚକାଙ୍କରେ ଜନଜାତି ବର୍ଗ ଅନେକ ପଛରେ ରହିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ଆୟ, ଜୀବନ ଜୀବିକା ଆଦି କ୍ଷେତ୍ରରେ ଓଡ଼ିଶାର ଆଦିବାସୀମାନେ ବହୁତ ପଛୁଆ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସମ୍ମାନିତ ଅତିଥି ଭାବେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଲେ, ମେଳାରେ ଓଡିଶାର କୋଣ ଅନୁକୋଣରୁ ଜନଜାତି ସମୁଦାୟ ନିଜ ସାମଗ୍ରୀ ବିକ୍ରି ପାଇଁ ସୁଯୋଗ ପାଇଛନ୍ତି। ଜନଜାତି ସମ୍ପ୍ରଦାୟଙ୍କୁ ଉପଯୁକ୍ତ ମଞ୍ଚ ପ୍ରଦାନ କରିଛି ଏହି ଆଦିବାସୀ ମେଳା।

ମେଳାରେ ୨୦ଟି ଆଦିବାସୀ କୁଡ଼ିଆ, ବିକ୍ରିବଟା ପାଇଁ ୧୪୭ଟି ଷ୍ଟଲ୍, ୧୫ଟି ଲାଇଭ୍ ଡେମନଷ୍ଟ୍ରେସନ ସହିତ ଫୁଡକୋର୍ଟ, କଳା ଓ ହସ୍ତଶିଳ୍ପ ଷ୍ଟଲ, ବିର୍ସା ମୁଣ୍ଡା ପାଭିଲିୟନକୁ ସ୍ଥାନ ଦିଆଯାଇଛି। ପାଭିଲିୟନ୍ ଅନ୍ତର୍ଗତ ଗ୍ୟାଲେରୀରେ ବିର୍ସା ମୁଣ୍ଡାଙ୍କ ଜୀବନୀ, ରାଜ୍ୟ ତଥା ଦେଶର ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନ ସମ୍ପର୍କିତ ଗ୍ୟାଲେରି ଆଦି ରହିଛି। ଏହାବାଦ୍ ବିର୍ସା ମୁଣ୍ଡାଙ୍କ ଜୀବନୀ ଆଧାରିତ ଲେଜର୍ ଶୋ, ଓଡ଼ିଶାର ଜନଜାତି ସମ୍ପ୍ରଦାୟ ଭିତ୍ତିକ ଡ୍ରୋନ୍ ଶୋ, ଓଡ଼ିଶାର ଜନଜାତି ସ୍ୱାଧୀନତା ସଂଗ୍ରାମୀଙ୍କ ଉପରେ ପର୍ଯ୍ୟବସିତ ଲାଇଟ୍ ଆଣ୍ଡ୍ ସାଉଣ୍ଡ ଶୋ, ଫ୍ୟାଶନ୍ ଶୋ ଏବଂ ଫାୟର୍ ୱାର୍କ ଶୋ ଆଦି ଆକର୍ଷଣ ସାଜିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶହୀଦ ମାଧୋ ସିଂହଙ୍କ ଅଣନାତି ଲୋକେଶ୍ୱର ସିଂହ ବରିହାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ୯ଜଣଙ୍କୁ 'ଆଦିବାସୀ ପ୍ରତିଭା ସମ୍ମାନ' ଓ ୧୦ ଜଣଙ୍କୁ 'ଜନଜାତି କୃଷକ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ଦ୍ୱାରା ପ୍ରକାଶିତ ଜର୍ନାଲ 'ବନଜା-୨୦୨୫'ର ନୂତନ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ସଭା ପରେ ମେଳା ପରିସରରେ ବିଭିନ୍ନ ଜନଜାତି ସମ୍ପ୍ରଦାୟଙ୍କ ରୀତିନୀତି ଓ ଚଳଣିକୁ ନେଇ ନିର୍ମିତ କୁଡିଆକୁ ମୁଖ୍ୟମନ୍ତ୍ରୀ ବୁଲି ଦେଖିଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ, ଏକାମ୍ର ବିଧାୟକ ବାବୁ ସିଂ, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର, ବିଭାଗର ନିର୍ଦ୍ଦେଶକ ଡ. ପୋମା ଟୁଡୁ ପ୍ରମୁଖ ଯୋଗଦେଇ ଥିଲେ। ଚଳିତବର୍ଷ ପ୍ରବାସୀ ଭାରତୀୟ ଦିବସ ପାଇଁ ମେଳାର ଆଗୁଆ ଆୟୋଜନ ହୋଇଥିବାବେଳେ ଏହା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ।



ଆଦିବାସୀ ମେଳା ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ଅତିଥିମାନେ।

# ପୋଲିସ ସେବା, ତ୍ୟାଗକୁ ସମ୍ମାନ

## 'ନମନ'ର ତୃତୀୟ ସଂସ୍କରଣ

ଭୁବନେଶ୍ୱର,୫।୧ (ସୌମ୍ୟରଞ୍ଜନ ରାଉତ)

ନମନ ଫାଉଣ୍ଡେଶନ, ଅଭିନେତା ସବ୍ୟସାଚୀ ମିଶ୍ରଙ୍କ 'ସ୍ମାଇଲ ପ୍ଲିଜ' ଓ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦଙ୍କ 'ପୋପା'ର ମିଳିତ ଆନୁକୂଲ୍ୟରେ ୭ମ ବାଟାଲିୟନ ପଡିଆରେ 'ନମନ'ର ତୃତୀୟ ସଂସ୍କରଣ ଧୂମଧାମ୍‌ରେ ପାଳିତ ହୋଇଯାଇଛି। ପୋଲିସ କର୍ମଚାରୀଙ୍କ ନିରବଚ୍ଛିନ୍ନ ସେବା ଏବଂ ତାଙ୍କ ପରିବାରର ତ୍ୟାଗକୁ ସମ୍ମାନ ଜଣାଇବା ପାଇଁ ଫାଉଣ୍ଡେଶନ ପକ୍ଷରୁ ଏପରି କାର୍ଯ୍ୟକ୍ରମ ୨୦୨୨ରୁ ଆୟୋଜନ କରାଯାଉଛି। ତେବେ ଏହାର ତୃତୀୟ ସଂସ୍କରଣକୁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଓଡିଶା ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ, ପୋଲିସ କମିଶନର ଦେବଦତ୍ତ ସିଂ, ଆସିଷ୍ଟାଣ୍ଟ ପୋଲିସ କମିଶନର ଉମାଶଙ୍କର ଦାସ, ଭୁବନେଶ୍ୱର ଓ କଟକ ଡିସିପିଙ୍କ ସମେତ ବହୁ ଉଚ୍ଚ ପଦାଧିକାରୀ ଓ ଅନ୍ୟ ପୋଲିସ କର୍ମଚାରୀ ସେମାନଙ୍କ ପରିବାର ବର୍ଗ ସହ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଓଡିଶା ସିନେମା ଜଗତର ୪୦ରୁ ଅଧିକ କଳାକାର ନିଜର କଳା ପ୍ରଦର୍ଶନ କରିଥିଲେ। ପ୍ରତ୍ୟେକ କଳାକାରଙ୍କ ଥିମ୍ ବେସ୍ ପରଫରମାନ୍ସ ପୋଲିସଙ୍କ ଅବଦାନ ଏବଂ ତ୍ୟାଗ ପ୍ରତି ସମର୍ପିତ ଥିଲା। ବିଶେଷକରି ଆସିଷ୍ଟାଣ୍ଟ ପୋଲିସ କମିଶନରଙ୍କ ରଚିତ ଏବଂ ପ୍ରେମାନନ୍ଦଙ୍କ ସଙ୍ଗୀତରେ ନମନର ଥିମ୍ ଗୀତରେ ସବ୍ୟସାଚୀ ମିଶ୍ରଙ୍କ ପରଫରମାନ୍ସ ଶହୀଦଙ୍କ ପ୍ରତି ଉତ୍ସର୍ଗୀକୃତ ଥିଲା। କାର୍ଯ୍ୟକ୍ରମକୁ ଦେଖି ଆଇନ ମନ୍ତ୍ରୀ ହରିଚନ୍ଦନ ନମନ ଫାଉଣ୍ଡେଶନ ଓ ସମସ୍ତ କଳାକାରଙ୍କୁ ଧନ୍ୟବାଦ ଦେବା ସହିତ ଏହା ପୋଲିସ ବିଭାଗର ପ୍ରତ୍ୟେକ କର୍ମଚାରୀଙ୍କ ମନୋବଳ ବଢାଇବା ସହ ଅନୁପ୍ରାଣିତ କରିବ ବୋଲି କହିଥିଲେ। ସେ କହିଲେ, ଆମ ଧନଜୀବନ ସୁରକ୍ଷା ପାଇଁ ପୋଲିସ ଦିନରାତି ସଜାଗ ରହିଛି। ପରିବାରକୁ ସମୟ ଦେଇପାରୁ ନାହିଁ। ଏ କ୍ଷେତ୍ରରେ ପରିବାରର ସହଯୋଗ ଓ ତ୍ୟାଗକୁ ସମସ୍ତେ ସମ୍ମାନ ଦେବାକଥା। ପୋଲିସ ମହାନିର୍ଦ୍ଦେଶକ ଖୁରାନିଆ କଳାକାରଙ୍କୁ ଧନ୍ୟବାଦ ଜଣାଇଥିଲେ। ପୋଲିସ କମିଶନର ସିଂ ନମନ ଫାଉଣ୍ଡେଶନର ଏଭଳି ପ୍ରୟାସ ଆଗକୁ ମଧ୍ୟ ଜାରି ରହୁ ବୋଲି ଆଶାବ୍ୟକ୍ତ କରିଥିଲେ।



'ନମନ'କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ, ଡିଜିପି ଯୋଗେଶ ବାହାଦୁର ଖୁରାନିୟା, ପୋଲିସ କମିଶନର ଦେବଦତ୍ତ ସିଂ ଓ ଅନ୍ୟମାନେ।



ଅଭିନେତା ସବ୍ୟସାଚୀ ମିଶ୍ର ଓ ଟିମ୍ ନୃତ୍ୟ ପରିବେଷଣ କରୁଛନ୍ତି।



# ଆରମ୍ଭ ହେଲା 'ପଥ ଉତ୍ସବ'

## ମଜା ଉଠାଇଲେ ସହରବାସୀ

ଭୁବନେଶ୍ୱର, ୫।୧(ବନ୍ଦନା ସେଠୀ)

ବର୍ଷକର ଅପେକ୍ଷା ପରେ ପୁଣି ଫେରିଲା 'ପଥ ଉତ୍ସବ'। ପ୍ରବାସୀ ଭାରତୀୟ ଦିବସ ସମ୍ମେଳନକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ରବିବାର ଆରମ୍ଭ ହୋଇଥିବା ଏହି ଉତ୍ସବରେ ଦୁଲୁକି ଉଠିଥିଲା ପୂରା ସହର। ସକାଳ ସାଢ଼େ ୭ଟାରୁ ୧୦ଟା ପର୍ଯ୍ୟନ୍ତ ସ୍ମାର୍ଟ ଜନପଥ ମାଷ୍ଟରକ୍ୟାଣ୍ଟିନ୍ ଛକଠାରୁ ରାମମନ୍ଦିର ପର୍ଯ୍ୟନ୍ତ ରାସ୍ତାରେ ଏଭଳି କିଛି ମାହୋଲ୍ ଦେଖିବାକୁ ମିଳିଥିଲା। ଶୀତୁଆ ସକାଳ ସାଙ୍ଗକୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଭରପୁର ମଜା ଉଠାଇଥିଲେ ସହରବାସୀ। ରାସ୍ତାର ଉଭୟ ପାର୍ଶ୍ୱରେ ୨୫ରୁ ୩୦ଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୃତ୍ୟ, ସଙ୍ଗୀତ ସାଙ୍ଗକୁ ପଥପ୍ରାନ୍ତ ନାଟକ, ମାଲଖମ୍ବ, କିଡୋ ରାଜ୍ୟ, ମ୍ୟାଜିକ, ଚାଇଲ୍ଡ ପ୍ଲେ ୟୁନିଟ୍, ଯୋଗ, ସ୍କେଟିଂ, ଲୋକନୃତ୍ୟ, ଗଞ୍ଜାମର ଯୋଡି ଶଙ୍ଖ, ପ୍ରବାସୀ ଭାରତୀୟ ଦିବସ ଥିମ୍‌ରେ ରଙ୍ଗୋଲି, ବିଏମ୍‌ସିର ପରିମଳ ବ୍ୟବସ୍ଥା, ସଡକ ସୁରକ୍ଷା ସଚେତନତା, ସେଲ୍‌ଫି ଜୋନ୍, ଗଜଲ, ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ ସହ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହା ସାଙ୍ଗକୁ ବିକ୍ରି ହେଉଥିବା ଆକର୍ଷଣୀୟ ଓଡିଶା ଖାଦ୍ୟ ସାମଗ୍ରୀ ସହରବାସୀଙ୍କ ମନ ମୋହିଥିଲା। ଉତ୍ସବର ଅନ୍ୟତମ ଆକର୍ଷଣ ସାଜିଥିଲେ କଣ୍ଠଶିଳ୍ପୀ ସ୍ୱୟଂ ପାଢୀ ଓ ଅନ୍ତରା ଚକ୍ରବର୍ତ୍ତୀ। ତାଙ୍କ ସଙ୍ଗୀତର ତାଳେ ତାଳେ ଝୁମିଥିଲେ ଶ୍ରୋତା। ସେହିପରି ନୃତ୍ୟଗୁରୁ ଶାଶ୍ୱତ ଯୋଷୀଙ୍କ ଶ୍ରୀଜଳ ଡ୍ୟାନ୍ସ ଗ୍ରୁପ୍ ଦ୍ୱାରା ପରିବେଶିତ ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। ଏସବୁ କାର୍ଯ୍ୟକ୍ରମ ମାଧ୍ୟମରେ ଭୁବନେଶ୍ୱରବାସୀଙ୍କୁ ପ୍ରବାସୀ ଭାରତୀୟ ଦିବସ ସମ୍ପର୍କରେ ସଚେତନ କରାଯାଇଥିଲା। ଗୃହ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ପ୍ରମୁଖ ଶାସନ ସଚିବ ଉଷା ପାଢୀ, ଆଇନ, ଅବକାରୀ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଏମ୍‌ପି ଅପରାଜିତା ଷଡଙ୍ଗୀ, ଏକାମ୍ର ବିଧାୟକ ବାବୁ ସିଂ, ମେୟର ସୁଲୋଚନା ଦାସ, ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ, ବିଡିଏ ଉପାଧ୍ୟକ୍ଷ ଏନ୍. ତିରୁମାଲା ନାୟକ, ବିଏମ୍‌ସି ସାଂସ୍କୃତିକ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ମିହିର କୁମାର ରାଉତଙ୍କ ସମେତ ଅନ୍ୟ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଓ କର୍ପୋରେଟର ପ୍ରମୁଖ ଉପସ୍ଥିତ ଥିଲେ।







# ପ୍ରତିଭା ଦେଖାଇଲା ଅଙ୍କୁର ଶିଶୁ ମହୋତ୍ସବ

ଭୁବନେଶ୍ୱର,୫।୧ (ସୁଚିସ୍ମିତା ସାହୁ)

ୟୁଥ ଫର୍ ସେବା ପକ୍ଷରୁ 'ଅଙ୍କୁର ଶିଶୁ ମହୋତ୍ସବ' ରବିବାର ୟୁନିଟ-୨ସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବୌଦ୍ଧିକ ଜ୍ଞାନ ବୃଦ୍ଧି ପାଇଁ ଏହି କାର୍ଯ୍ୟକ୍ରମ ବେଶ ଉପାଦେୟ ହେବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ ଯୋଗଦେଇ କହିଲେ, ଆଜିର ଶିଶୁ କାଲିର ଭବିଷ୍ୟତ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭା ସର୍ବସମ୍ମୁଖକୁ ଆସିପାରିବ ବୋଲି କହିଥିଲେ। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ରେଣୁକା ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ସିଟି ଓମେନ୍ସ କଲେଜ ଅଧ୍ୟକ୍ଷା ରଶ୍ମୀ କୁମାରୀ ସାହୁ, ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର ଏଲ୍‌ଟି ରେଞ୍ଜର ପୁଷ୍ପାଞ୍ଜଳି ମହାପାତ୍ର, ଅନୁଷ୍ଠାନର ଟ୍ରଷ୍ଟି ସ୍ୱୟଂ ପ୍ରକାଶ ବରାଳ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଭୁବନେଶ୍ୱର ଓ ଆଖପାଖ ଅଞ୍ଚଳର ୧୪ଟି ସ୍କୁଲ ଓ ୮ ଚାଟଶାଳୀର ୫୦୦ କୁନିକୁନି ଛାତ୍ରୀଛାତ୍ର ଭାଗ ନେଇଥିଲେ। ବିଜ୍ଞାନ ମେଳା, କୁଇଜ୍, ଚିତ୍ରାଙ୍କନ, ଗ୍ରୁପ୍ ଡ୍ୟାନ୍ସ, ଯୋଗ, ରଙ୍ଗୋଲି ଓ ନୃତ୍ୟ ଆଦି ପ୍ରତିଯୋଗିତା ଅତିଥିଙ୍କୁ ଆକର୍ଷିତ କରିଥିଲା। ଅନୁଷ୍ଠାନର ଭୁବନେଶ୍ୱର ଚାପ୍ଟର ସଂଯୋଜକ ଜ୍ଞାନରଞ୍ଜନ ଦାଶ ଧନ୍ୟବାଦ ଅଭିଭାଷଣ ରଖିଥିଲେ।


ଫର୍ମ ନଂ. 13
ଋଣ ଅସୁଲି ନ୍ୟାୟାଧିକରଣ: କଟକ
ସି-71, ସେକ୍ଟର- 7, ସିଡିଏ,
କଟକ- 753014, ଓଡ଼ିଶାଙ୍କ ଇଜିଲାସରେ
ଓ.ଏ. ନଂ.325/2024
ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍ ...ଆବେଦନକାରୀ
ବନାମ
ବୀରେନ୍ଦ୍ର ପ୍ରଧାନ ...ପ୍ରତିବାଦୀ
ପ୍ରାପ୍ତେଷୁ,
ପ୍ରତିବାଦୀ
ବୀରେନ୍ଦ୍ର ପ୍ରଧାନ,
ପିତା- ଶ୍ରୀ ମଙ୍ଗୁଳି ଚରଣ ପ୍ରଧାନ,
ଟିବିଏଲ୍ କ୍ୟାମ୍ପ ଅଫିସ, ସ୍ଥାନ/ପୋଷ୍ଟ- ନଳାଙ୍ଗ, ସାଇ ମନ୍ଦିର ନିକଟ, ଥାନା- ଭଦ୍ରକ ଗ୍ରାମୀଣ, ଜିଲ୍ଲା- ଭଦ୍ରକ, ଓଡ଼ିଶା, ପିନ୍- 756112 ଓ ସ୍ଥାୟୀ ବାସିନ୍ଦା- ଗ୍ରାମ- ଭାପୁର, କାଳୀ ମନ୍ଦିର ନିକଟ, ପୋଷ୍ଟ- ବଡ଼ସିରେଇପୁର, ଭାୟା/ଥାନା- ବାଣପୁର, ଜିଲ୍ଲା- ଖୋର୍ଦ୍ଧା, ପିନ୍ କୋଡ୍- 752031
**ପ୍ରାର୍ଥନା କରାଯାଇଥିବା ଆଶ୍ୱସ୍ତି କାହିଁକି ମଞ୍ଜୁର କରା ନ ଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଯୋଗେ ସମନ**
ନୋଟିସ ଦିଆଯାଉଛି ଯେ, ଆବେଦନକାରୀ-ବ୍ୟାଙ୍କ ଋଣ ଅସୁଲି ନ୍ୟାୟାଧିକରଣ, କଟକ ଅଦାଲତଙ୍କ ନିକଟରେ ଟ.24,67,059/- (ଟଙ୍କା ଚବିଶ ଲକ୍ଷ ସତଷଠି ହଜାର ଅଣଷଠି ମାତ୍ର) ସମେତ ଚଳିତ ତଥା ପରବର୍ତ୍ତୀ ସୁଧ, ବ୍ୟୟର ଅସୁଲି ଏବଂ ଅନ୍ୟାନ୍ୟ ଆଶ୍ୱସ୍ତି ନିମନ୍ତେ ଓ.ଏ. ନଂ. 325/2024 ପ୍ରକ୍ରିୟା ଆରମ୍ଭ କରିଛନ୍ତି। ତେଣୁ, ଉକ୍ତ ଓଏ ନିମନ୍ତେ ପ୍ରାର୍ଥନା କରାଯାଇଥିବା ଆଶ୍ୱସ୍ତି କାହିଁକି ମଞ୍ଜୁର କରାଯିବ ନାହିଁ ତାହାର କାରଣ ଦର୍ଶାଇବା ନିମନ୍ତେ ଏହି ନୋଟିସ ପ୍ରକାଶନ ତାରିଖରୁ 30 ଦିନ ମଧ୍ୟରେ କିମ୍ବା ତା24.02.2025ରିଖ ପୂର୍ବାହ୍ନ 10.30 ଘଟିକାରେ ବ୍ୟକ୍ତିଗତ ଭାବେ କିମ୍ବା ଜଣେ ଓକିଲ ଅଥବା ବିଧିବଦ୍ଧ ଭାବେ ଅଧିକୃତ ଏଜେଣ୍ଟଙ୍କ ଜରିଆରେ ଏହି ନ୍ୟାୟାଧିକରଣଙ୍କ ସମ୍ମୁଖରେ ନିଜର ପକ୍ଷ ଉପସ୍ଥାପନ କରିବା ପାଇଁ ଆପଣଙ୍କୁ ନିର୍ଦ୍ଦେଶ ଦିଆଯାଉଛି।
ନୋଟିସ ଦିଆଯାଉଛି ଯେ, ଏଥିରେ ଖିଲାପ କରାଗଲେ ଆପଣଙ୍କ ଅନୁପସ୍ଥିତିରେ ଓଏ'ର ଶୁଣାଣି ଓ ଫଇସଲା କରାଯିବ।
ମୋ ଦସ୍ତଖତ ଓ ଏହି ନ୍ୟାୟାଧିକରଣଙ୍କ ମୋହର ଅଧୀନରେ ଅଦ୍ୟ 19 ଡିସେମ୍ବର, 2024 ରେ ପ୍ରଦତ୍ତ।
(ନିଖିଳ ରଞ୍ଜନ ପତି)
ନିବନ୍ଧକ


# ଆରମ୍ଭ ହେଲା 'ପାର୍କ ଉତ୍ସବ'

## ଅର୍ଚ୍ଚିତାଙ୍କ ନୃତ୍ୟରେ ଝୁମିଲେ ଦର୍ଶକ

ଭୁବନେଶ୍ୱର, ୫।୧(ବନ୍ଦନା ସେଠୀ) - ରବିବାର ଶୀତୁଆ ସକାଳରେ ଜୁମ୍ବା ଡ୍ୟାନ୍ସ ସାଙ୍ଗକୁ ଫିଟ୍‌ନେସ ମନ୍ତ୍ରରୁ ଆରମ୍ଭ ହୋଇଥିଲା 'ପାର୍କ ଉତ୍ସବ'। ଆସନ୍ତା ୧୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଉତ୍ସବ ମଧୁସୂଦନ ପାର୍କ, ଇନ୍ଦିରା ଗାନ୍ଧୀ ପାର୍କ, ବୁଦ୍ଧ ପାର୍କ, ଫରେଷ୍ଟ ପାର୍କ ଏବଂ ଅବଦୁଲ କଲାମ ପାର୍କରେ ଅନୁଷ୍ଠିତ ହେବ। ଏଥିରେ ସ୍ୱାସ୍ଥ୍ୟ, ସଂସ୍କୃତି, ସୃଜନଶୀଳତା ଏବଂ ମନୋରଞ୍ଜନର ଝଲକ ଦେଖିବାକୁ ମିଳିଥିଲା। ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ସାଙ୍ଗକୁ ସନ୍ଧ୍ୟାରେ ସଙ୍ଗୀତର ମୂର୍ଚ୍ଛନା ତଥା ଓଲିଉଡ୍ ସେଲିବ୍ରିଟିଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅଧିକ ଆକର୍ଷଣୀୟ ଥିଲା। ସାଂସ୍କୃତିକ ସନ୍ଧ୍ୟାର ଭବ୍ୟ ପରିବେଶକୁ ଉପଭୋଗ କରିବା ପାଇଁ ଦର୍ଶକଙ୍କ ଭିଡ଼ ଜମିଥିଲା। ପ୍ରବାସୀ ଭାରତୀୟ ଦିବସ ସମ୍ମେଳନ ପରିପ୍ରେକ୍ଷୀରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ରବିବାରଠାରୁ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ 'ଏକାମ୍ର ଉତ୍ସବ' ଆୟୋଜିତ ହେଉଛି। ଏଥିସହ ୮ଦିନ ପର୍ଯ୍ୟନ୍ତ ପାର୍କ ଉତ୍ସବ ଅନୁଷ୍ଠିତ ହେଉଛି। କଳିଙ୍ଗନଗରସ୍ଥିତ କଲାମ ପାର୍କରେ ଓଲିଉଡ୍ ଅଭିନେତ୍ରୀ ଅର୍ଚ୍ଚିତା ସାହୁଙ୍କ ନୃତ୍ୟ ଦର୍ଶକଙ୍କୁ କିମିଆ କରିଥିଲା। ସେହିପରି ଆଇଜି ପାର୍କରେ ଗାୟକ ସ୍ୱପ୍ନଜିତ ଏବଂ ଓଲିଉଡ୍ ଅଭିନେତା ଶୁଭାଶିଷ ଶର୍ମା ଓରଫ ମଣ୍ଟୁଙ୍କ ସହ ଦର୍ଶକ ଝୁମିଥିଲେ। ସମାନ ଭାବେ ଅନ୍ୟ ୪ ପ୍ରମୁଖ ପାର୍କରେ ମଧ୍ୟ ଉତ୍ସବର ଆୟୋଜନ କରାଯାଇଥିଲା। ସେହିପରି ସକାଳେ ଲୋକଙ୍କୁ ପାର୍କରେ ଯୋଗ, ଜୁମ୍ବାର ପ୍ରଶିକ୍ଷଣ ସହ ଶରୀରକୁ ସୁସ୍ଥ ଓ ନୀରୋଗ ରଖିବାର ପରାମର୍ଶ ମିଳିଥିଲା। ଏଥିରେ ଅନିନ୍ଦିତା ପରିଡା, ସୋନାଲିସା ପଣ୍ଡା, କୁମାର ମୟୂର, ବି. ଯୋଗେନ୍ଦ୍ର, ଜ୍ୟୋତିରେଖା ପଲେଇ ପ୍ରମୁଖ ପ୍ରଶିକ୍ଷକମାନେ ସାମିଲ ହୋଇଥିଲେ। ଅପରାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ସାଂସ୍କୃତିକ ତଥା ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ଚାଲିଥିଲା। ପେପର କ୍ରାଫ୍ଟ, ମ୍ୟାଜିକ ଶୋ, ୱେଷ୍ଟ-ଟୁ-ବେଷ୍ଟ ଭଳି ବିଭିନ୍ନ କର୍ମଶାଳାମାନ ଆୟୋଜିତ ହୋଇଥିଲା। ଏହାବାଦ୍ ଫୁଡ୍ ଷ୍ଟଲ୍ ମଧ୍ୟ ପଡିଥିଲା।




**ODISHA HYDRO POWER CORPORATION LTD.**
**(A Gold Rated State PSU)**
O/O Sr. GENERAL MANAGER, Rengali Hydro Electric Project, Rengali
P.O : RENGALI DAM SITE, DIST : ANGUL (ODISHA) INDIA, PIN : 759105
TEL : 06760-266031, Email : sgmel500@gmail.com
No.OHPC : RHEP/TW/PUR-III-146/8950 /Date : 27.12.2024
**TENDER CALL NOTICE No. 39/2024-25**
**No.CAD-2027** : Sealed Tenders are invited in two part i.e (i) Techno Commercial bid & (ii) Price bid in separate sealed envelopes from the reputed manufacturers of Power Transformer for the work as mentioned below.

| Description of Materials / Services | Cost of tender paper (Non-refundable) in Rs. | EMD (Refundable) | Period of availability of tender at OHPC website (Sale) | Last date & Time of receipt of Tender | Date & Time of opening of Techno Commercial bid |
|---|---|---|---|---|---|
| Supply, Installation, Testing & Commissioning of one no. 20 MVA, 220/33 KV Station Service Transformer for RHEP, Rengali | Rs. 11,800/- (Rs. 10,000/- + GST@18%) | Rs. 4,99,270.00 | From Dt. 08.01.2025 to Dt. 06.02.2025 (Up to 04:00 P.M.) | Up to 04:30 P.M. Dt. 06.02.2025 | At 05:00 P.M. Dt. 06.02.2025 |

For details of the tender documents, terms and conditions please visit our website www.ohpcltd.com.
OIPR-04022/11/0039/2425 Sd./- Unit Head, RHEP, Rengali

# 'କ୍ରୀଡ଼ା ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳା ଶିକ୍ଷା ଦିଏ'

ଟାଙ୍ଗୀ,୫।୧ (ରଘୁନାଥ ସାହୁ)

କାଳୁପଡ଼ା ଘାଟ ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ମାତୃବିହାରର ୩୪ତମ ବାର୍ଷିକ କ୍ରୀଡ଼ା ଉତ୍ସବ ମାତୃବିହାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମା'ଙ୍କ ନୀତି ଆଦର୍ଶକୁ ପାଥେୟ କରି ଗଢିଉଠିଥିବା ଏହି ଶିକ୍ଷାନୁଷ୍ଠାନରେ ଶିକ୍ଷା ସହ ଶାରୀରିକ ଏବଂ ମାନସିକ ଶିକ୍ଷାକୁ ପ୍ରାଧାନ୍ୟ ଦିଆଯାଉଛି। ତେଣୁ ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ଶିକ୍ଷାର ବିକାଶ ପାଇଁ ଏଭଳି କାର୍ଯ୍ୟକ୍ରମ ହୋଇଥିଲା। ଏହି କ୍ରୀଡ଼ା ଉତ୍ସବରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ସାମିଲ ହୋଇ ସେମାନଙ୍କର କ୍ରୀଡ଼ା କୌଶଳ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମାତୃ ବିହାରର ଅଧକ୍ଷ ସଞ୍ଜୟ କୁମାର ମହାପାତ୍ର ପରିଚାଳନା କରିଥିବା ବେଳେ ପୂର୍ବତନ ବିଧାୟକ ଡା. ବିଭୂତି ଭୂଷଣ ହରିଚନ୍ଦନ ଅତିଥିଭାବେ ଯୋଗଦେଇ କ୍ରୀଡ଼ା ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳା ଶିକ୍ଷା ଦିଏ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏହି କ୍ରୀଡ଼ା ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

# 'ଓଡ଼ିଶା ହେଉଛି ସୃଜନୀର ଷଠିଘର'



ଅତିଥିମାନେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ମୁଖପତ୍ର ଉନ୍ମୋଚନ କରୁଛନ୍ତି।

**ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଖୋର୍ଦ୍ଧାର ୪୩ତମ ସାମ୍ବତ୍ସରିକ ଉତ୍ସବ**

ଖୋର୍ଦ୍ଧା,୫।୧ (ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶାର ସମୃଦ୍ଧ ପରମ୍ପରା, ସଂସ୍କୃତି, ଗରିମାମୟ ଐତିହ୍ୟ ରହିଛି। ଆଗକୁ ଭୁବନେଶ୍ୱରରେ ଅନୁଷ୍ଠିତ ହେବ ପ୍ରବାସୀ ଭାରତୀୟ ଦିବସ ସମ୍ମେଳନ। ଓଡ଼ିଶାର ପ୍ରାଚୁର୍ଯ୍ୟ, ସଂସ୍କୃତିର ଝଲକ ଦେଖିବାକୁ ପାଇବେ ପ୍ରବାସୀ ଭାରତୀୟ। ଓଡ଼ିଶା ହେଉଛି ସୃଜନୀର ଷଠିଘର ଅର୍ଥାତ୍ ଜନ୍ମପୀଠ କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି ରବିବାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଖୋର୍ଦ୍ଧାର ୪୩ତମ ସାମ୍ବତ୍ସରିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ ସାମଲ ଏହା କହିଛନ୍ତି।

ପରିଚାଳନା କମିଟି ସଭାପତି ଡ.ନିରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ସାମଲ ଆହୁରି କହିଥିଲେ, ଜୀବନକୁ ସରସ, ସୁନ୍ଦର, ଗତିଶୀଳ କରିବାକୁ ହେଲେ ଅନ୍ୟକୁ ଭଲପାଅ। ମାଟିର ବୈକୁଣ୍ଠକୁ ଭଲପାଅ। ଏହାର ସ୍ପନ୍ଦନକୁ ପ୍ରତିକ୍ଷଣରେ ଅନୁଭବ କର। ଦାର୍ଶନିକ ସାମୁଏଲଙ୍କ ଉଦାହରଣ ଦେଇ କହିଲେ ଶିକ୍ଷାନୁଷ୍ଠାନ ହେଉଛି ଏକ ଜୀବନ୍ତ ଆତ୍ମା। ଏହି ଆତ୍ମା ପଛରେ ରହିଛି ଶିକ୍ଷକମାନଙ୍କ ଧୈର୍ଯ୍ୟ, ନିଷ୍ଠା, ଅଭିଭାବକଙ୍କ ଅନୁରକ୍ତ ପିଲାଙ୍କ ପାଠ ପଢ଼ିବାର ଇଚ୍ଛାଶକ୍ତି, ଗୁରୁଙ୍କ ଭକ୍ତି ଏଥିରେ ନିହିତ ରହିଛି। ଓଡ଼ିଆ ଜାତିର ଅସ୍ମିତା, ଶତାଧିକ ବର୍ଷର ସତ୍ୟବାଦୀ ବକୁଳବନ ଆଜି ବି ଜୀବିତ ରହିଛି। ସେହିପରି ମୁଖ୍ୟ ବକ୍ତା କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ବିହାରର ପୂର୍ବତନ କୁଳାଧିପତି ଡ. ପ୍ରଫୁଲ୍ଲ କୁମାର ମିଶ୍ର ଉଦ୍‌ବୋଧନରେ ଅଭିଭାବକମାନେ ପିଲାଙ୍କୁ ପରିଶ୍ରମ ଏବଂ ମାତୃଭୂମି ପ୍ରତି ଦାୟିତ୍ୱ ଶିକ୍ଷାଦେବାକୁ ପରାମର୍ଶ ଦେଇଥିଲେ। ସଭାପତିତ୍ୱ ଭାଷଣରେ ଡ. ମହାନ୍ତି କହିଥିଲେ, ଦେଶଭକ୍ତି ରାଷ୍ଟ୍ର ନିର୍ମାଣ ଲକ୍ଷ୍ୟ ନେଇ ସରସ୍ୱତୀ ଶିଶୁ ମନ୍ଦିର ପରିକଳ୍ପନା କରାଯାଇଛି। ଛୋଟବେଳୁ ପିଲାଙ୍କ ମନରେ ଦେଶମାତୃକା ପ୍ରତି ଦାୟିତ୍ୱ, କର୍ତ୍ତବ୍ୟ, ନିଷ୍ଠା, ଏକାଗ୍ରତା, ପୂଜ୍ୟପୂଜା ପରମ୍ପରା ଶିକ୍ଷା ଦିଆଯାଇଥାଏ। ଶିଶୁବିଦ୍ୟାମନ୍ଦିର ପ୍ରଧାନାଚାର୍ଯ୍ୟ ଗିରିଜା କୁମାର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସମ୍ପାଦକ ଆଇନଜୀବୀ ଅଜିତ କୁମାର ପଟ୍ଟନାୟକ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଶିଶୁ ବିଦ୍ୟାମନ୍ଦିର ମୁଖପତ୍ରକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପିଲାମାନଙ୍କ ଦ୍ୱାରା ଆୟୋଜିତ ଗୀତିନାଟ୍ୟ 'ମାଟି ମା' କଥା କହେ' ମନକୁ ଛୁଇଁଥିଲା। ଏଥିସହିତ ପିଲାମାନେ ଦଳଗତ ଏବଂ ଏକକ ନୃତ୍ୟ ପରିବେଷଣ କରିଥିଲେ।

# ଆଇନ ମନ୍ତ୍ରୀଙ୍କ ଦ୍ୱାରା ପ୍ରକଳ୍ପ ଶିଳାନ୍ୟାସ



କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଅନ୍ୟମାନେ।

ଟାଙ୍ଗୀ,୫।୧ (ରଘୁନାଥ ସାହୁ)

ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ପୁରୀ ଏମ୍‌ପି ଡା.ସମ୍ବିତ ପାତ୍ରଙ୍କ ଦ୍ୱାରା ରବିବାର ଚିଲିକା ବ୍ଲକ ଅନ୍ତର୍ଗତ ଚଣ୍ଡେଶ୍ୱର ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ ହୋଇଯାଇଛି। ଚଣ୍ଡୀ ହରଦେବ ମନ୍ଦିର ପରିଦର୍ଶନ କରିବା ସହ ପରିକ୍ରମା ପ୍ରକଳ୍ପ ଏବଂ ନିକଟରେ ଗ୍ରାମୀଣ ବଜାର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମନ୍ଦିରର ଉନ୍ନତି ପାଇଁ ଡିପିଆର୍ ପ୍ରସ୍ତୁତ କରିବାକୁ ପ୍ରତ୍ନତତ୍ତ୍ୱ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବତନ ସରପଞ୍ଚ ଦୀନବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମନ୍ଦିର ଏବଂ ପଞ୍ଚାୟତର ବିଭିନ୍ନ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଚଣ୍ଡେଶ୍ୱର ବଜାରଠାରୁ ଏକ ଶୋଭାଯାତ୍ରାରେ ଅତିଥିମାନଙ୍କୁ ମନ୍ଦିର ପର୍ଯ୍ୟନ୍ତ ନିଆଯାଇଥିଲା। ଚିଲିକା ବ୍ଲକ ଅଧକ୍ଷା ଜ୍ୟୋତ୍ସ୍ନାରାଣୀ ବେହେରା, ଭାଜପା ଜିଲା ସଭାପତି ରଶ୍ମି ରଞ୍ଜନ ମହାପାତ୍ର, ନୟାଗଡ଼ ଜିଲା ସଭାପତି ତାପସ ମାର୍ଥା, ଖୋର୍ଦ୍ଧା ଜିଲା ସମ୍ପାଦକ ଦୁଷ୍ମନ୍ତ ହରିଚନ୍ଦନ, ହାଡୁବନ୍ଧୁ ମହାପାତ୍ର, କବିରାଜ ବେହେରା, ମନୋରଞ୍ଜନ ମହାପାତ୍ରଙ୍କ ସମେତ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ।

# ନିରାକାରପୁରକୁ ବ୍ଲକ୍ ଘୋଷଣା ଦାବିରେ ବୈଠକ



ନିରାକାରପୁର,୫।୧ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲାର ନିରାକାରପୁରକୁ ବ୍ଲକ୍ ଘୋଷଣା ଦାବିରେ ପ୍ରସ୍ତୁତି ବୈଠକ ରବିବାର ସ୍ଥାନୀୟ ରାମ ମନ୍ଦିର ପ୍ରାଙ୍ଗଣ ମାରୁତି ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଶ୍ରୀପ୍ରସାଦ ଦାସଙ୍କ ଆହ୍ୱାୟକତ୍ୱ ଏବଂ ପୂର୍ବତନ ସରପଞ୍ଚ ବିପିନ କୁମାର ଜୟସିଂହଙ୍କ ସଭାପତିତ୍ୱରେ ଏହି ବୈଠକ ହୋଇଥିଲା। ବୈଠକରେ ଉପସ୍ଥିତ ବ୍ୟକ୍ତିମାନେ ସେମାନଙ୍କର ମତାମତ ରଖିଥିଲେ। ଏହି ଅଞ୍ଚଳରେ ହାଟ, ସର୍ବପୁରାତନ ବିଜ୍ଞାନ ମହାବିଦ୍ୟାଳୟ, ସରକାରୀ ଡାକ୍ତରଖାନା, ଡାକଘର, ବିଦ୍ୟୁତ୍ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗୋଟିଏ ଜାତୀୟକରଣ ବ୍ୟାଙ୍କ, ଗ୍ରାମ୍ୟ ବ୍ୟାଙ୍କ, ବେସରକାରୀ ବ୍ୟାଙ୍କ ରହିଛି। ରେଲୱେ ଷ୍ଟେସନ, ସଡକ ପଥ, ରେଲୱେ ଫାଣ୍ଡି, ପୋଲିସ ଥାନା, ଆରଡି, କୃଷି କାର୍ଯ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ ସହିତ ବଜାରରେ ୩୮୦ଟି ଛୋଟବଡ ଦୋକାନ ରହିଛି। ସେହିପରି ଜନସଂଖ୍ୟାକୁ ମିଶାଇଲେ ବ୍ଲକ ଘୋଷଣା ହୋଇପାରିବ ବୋଲି ମତପ୍ରକାଶ ପାଇଥିଲା। ବୈଠକରେ ନିରାକାରପୁର, ଡିଆ, ଲେଣ୍ଡୋ ଏବଂ ରାମେଶ୍ୱର ପଞ୍ଚାୟତର ବୁଦ୍ଧିଜୀବୀ, ଶିକ୍ଷାବିତ୍, ସାମାଜିକ କର୍ମୀ, ରାଜନେତା, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

# ବାଲୁଗାଁ ବଜାରରୁ ହଟିଲା ଜବରଦଖଲ

ବାଲୁଗାଁ,୫।୧ (ସଂଗ୍ରାମ ପାଇକରାୟ)



ବାଲୁଗାଁ ବଜାର ଦେଇ ଯାଇଥିବା ୫ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ ପରିପ୍ରେକ୍ଷୀରେ ରବିବାର ପ୍ରଶାସନ ପକ୍ଷରୁ ରାସ୍ତାପାର୍ଶ୍ୱ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ପୁଣି ଆରମ୍ଭ ହୋଇଛି। ଚିଲିକା ତହସିଲଦାର କାହ୍ନୁ ଚରଣ ଘଡ଼େଇ, ଅତିରିକ୍ତ ତହସିଲଦାର ବିଷ୍ଣୁପ୍ରିୟା ବେହେରା ଏବଂ ବାଣପୁର ତହସିଲଦାର ପଦ୍ମନାଭ ଦୋରାଙ୍କ ତତ୍ତ୍ୱାବଧାନରେ ବାଲୁଗାଁ ଏନ୍‌ଏସି ବଜାର ରାସ୍ତାର ଉଭୟ ପାର୍ଶ୍ୱରୁ ଉଚ୍ଛେଦ କରାଯାଇଥିଲା। ରାଜସ୍ୱ ବିଭାଗ ପକ୍ଷରୁ ମାପଚୁପ କରାଯାଇ ମୋଟ ୯୭ ଜଣ ଜବରଦଖଲକାରୀଙ୍କୁ ଚିହ୍ନଟ କରାଯାଇଥିଲା । ତେବେ ମାପଚୁପରେ ଅସନ୍ତୁଷ୍ଟ ୨୨ ଜଣ ଗୃହ ମାଲିକ ଉଚ୍ଚ ନ୍ୟାୟାଳୟରେ ଆଶ୍ରୟ ନେଇଥିବାରୁ ସେମାନଙ୍କୁ ବାଦ୍ ଦିଆଯାଇଛି । ଆସନ୍ତା ୨୦ତାରିଖରେ ଏହି ମାମଲାର ଶୁଣାଣି ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଚିଲିକା ତହସିଲଦାର ଘଡେଇ କହିଛନ୍ତି। ବାଲୁଗାଁ ସର୍କଲ ରାଜସ୍ୱ ନିରୀକ୍ଷକ ନିକୁଞ୍ଜ ପ୍ରଧାନ, ଅମିନ ଭାଗୀରଥି ଜେନା, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ସଞ୍ଜୟ ଗିରି ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଏହି ଉଚ୍ଛେଦ କାର୍ଯ୍ୟରେ ସହଯୋଗ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ବାଲୁଗାଁ ଏସ୍‌ଡିପିଓ ଯୁଗଳ କିଶୋର ମଲ୍ଲିକ, ଆଇଆଇସି ଜୟ ପ୍ରକାଶ ପରିଡା, ବାଣପୁର ଆଇଆଇସି ରମେଶ କୁମାର ଦେବତାଙ୍କ ତତ୍ତ୍ୱାବଧାନରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ନିୟୋଜିତ ହୋଇଥିଲେ। ଏହି ଉଚ୍ଛେଦ ଅଭିଯାନ ପର୍ଯ୍ୟାୟକ୍ରମେ ଜାରି ରହିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ପ୍ରକାଶ ଯେ, ଗତ ନଭେମ୍ବର ୪ରେ ପ୍ରାଥମିକ ପର୍ଯ୍ୟାୟରେ ପ୍ରଶାସନ ପକ୍ଷରୁ ଗୋବର୍ଦ୍ଧନପୁର ମୌଜାଠାରୁ ସରଳାପଦର ମୌଜା ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ କରାଯାଇଥିଲା।

# କାର୍ ଦୁର୍ଘଟଣାଗ୍ରସ୍ତ, ୪ ଆହତ

ଖୋର୍ଦ୍ଧା,୫।୧ (ପ୍ରଭାତ ପାଣିଗ୍ରାହୀ)

ସ୍ଥାନୀୟ ବିଡିଏ କଲୋନୀ ନିକଟରେ ରବିବାର ଅପରାହ୍ଣରେ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୪ଜଣ ଯୁବକ ଆହତ ହୋଇଥିବା ବେଳେ ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଏକ କାର୍‌ରେ କେତେଜଣ ଯୁବକ ନୂଆ ବସ୍‌ଷ୍ଟାଣ୍ଡରୁ ବିଡିଏ କଲୋନୀ ଦେଇ ପ୍ରାଣୀ ଚିକିତ୍ସାଳୟ ଅଭିମୁଖେ ଯାଉଥିଲେ। ଏହି ସମୟରେ ହଠାତ୍ ଏକ ପିଲା ରାସ୍ତାକୁ ଆସିଯିବାରୁ କାର୍ ଭାରସାମ୍ୟ ହରାଇ ନିକଟ ଏକ ବଡ଼ ପଥରରେ ପିଟି ହୋଇଯାଇଥିଲା। ଫଳରେ କାରର ଆଗପଟ ଭାଙ୍ଗିଯାଇଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ଯୁବକମାନଙ୍କୁ ଉଦ୍ଧାର କରାଯାଇ ୧୦୮ଆମ୍ବୁଲାନ୍ସରେ ଖୋର୍ଦ୍ଧା ମେଡିକାଲକୁ ପଠାଯାଇଥିଲା। ଖବରପାଇ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।

# ଏଏପି ସାଙ୍ଗଠନିକ ବୈଠକ



ଜଟଣୀ,୫।୧ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ଅନ୍ତର୍ଗତ ବରକୁଦସ୍ଥିତ ଲବଣଗିରିଠାରେ ଆମ ଆଦ୍‌ମୀ ପାର୍ଟି(ଏଏପି)ର ସାଙ୍ଗଠନିକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏଏପି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ଭରତ ଦାସ, ଢେଙ୍କାନାଳ ଜିଲା ସଭାପତି ପଙ୍କଜ ନାୟକ ଅତିଥିଭାବେ ଯୋଗଦେଇଥିବା ବେଳେ ଖୋର୍ଦ୍ଧା ଜିଲାର ପ୍ରତ୍ୟେକ ବ୍ଲକର ସଭାପତି ଉପସ୍ଥିତ ଥିଲେ। ବୈଠକରେ ରାଜ୍ୟରେ ଏଏପିର ସ୍ଥିତି ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଆଗାମୀ ଦିନର କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥିଲା। ଖୋର୍ଦ୍ଧା ଜିଲା ସଭାପତି ସୁଭାଶିଷ ସ୍ୱାଇଁ, ସୁନୀଲ ଷଡ଼ଙ୍ଗୀ, ପ୍ରଶାନ୍ତ ରଣସିଂହ, ପ୍ରମୋଦ ନନ୍ଦ, କଳ୍ପତରୁ ପଣ୍ଡା, କବିରାଜ ଗୋଛି, କିଶୋର ଚନ୍ଦ୍ର ସାହୁ, ଅମିତ୍ ସାମନ୍ତରାୟ, ଲକ୍ଷ୍ମୀଧର ମହପାତ୍ର, ସଂଗ୍ରାମ ବଳବନ୍ତରାୟ, ସେଖ ଆବିଦ, ଦଣ୍ଡପାଣି ଜେନା, ଟିପୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ତ୍ରିନାଥ ପାଲଟାସିଂ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଶେଷରେ ଜଳଧର ସାହୁ ଧନ୍ୟବାଦ ଦେଇଥିଲେ।

# ମୋବାଇଲ ଫୋନ୍ ଚୋରି ମାମଲା: ଅଭିଯୁକ୍ତଙ୍କୁ ୪ମାସ ଜେଲ ଦଣ୍ଡାଦେଶ

ବାଲୁଗାଁ,୫।୧ (ସଂଗ୍ରାମ ପାଇକରାୟ)

ଖୋର୍ଦ୍ଧା ଜିଲା ଚିଲିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ବିଚାରପତି ଯୁଧିଷ୍ଠିର ଦଳେଇ ଏକ ମୋବାଇଲ ଫୋନ ଚୋରି ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୪ମାସ ଜେଲ ଦଣ୍ଡାଦେଶ ସହ ୧ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଆଉ ୧୫ ଦିନ ଅଧିକ ଜେଲଦଣ୍ଡ ନିର୍ଦ୍ଦେଶ ରହିଛି। ଅଭିଯୁକ୍ତ ହେଲେ ଗଞ୍ଜାମ ଜିଲା ଶେରଗଡ଼ ଥାନା ଥୁରୁଗୁରି ଗ୍ରାମର ସମୀର ମହାନ୍ତି(୨୨)। ସୂଚନା ମୁତାବକ, ଗତ ସେପ୍ଟେମ୍ବର ୨୩ରେ ବାଲୁଗାଁସ୍ଥିତ ଶାନ୍ତିନଗର ବଙ୍ଗୀୟ ବସ୍ତିରେ ରହୁଥିବା ନିତ୍ୟା ମଣ୍ଡଳଙ୍କ ପରିବାର ଶୋଇଥିବା ବେଳେ ରାତି ପ୍ରାୟ ୨ଟାରେ ସମୀର ଘରେ ପଶି ଚୋରି ଉଦ୍ୟମ କରିଥିଲା। ପରିବାରଲୋକେ ଉଠିପଡ଼ିବାରୁ ସମୀର ସେଠାରୁ ଏକ ମୋବାଇଲ ଫୋନ ନେଇ ଦୌଡ଼ିଥିଲା। ପାଟି ଶୁଣି ସାହିବାସିନ୍ଦା ଉଠିପଡ଼ିଥିଲେ। ଏଥିସହ ଗୋଡ଼ାଇ ସମୀରଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ପୋଲିସ ତାଙ୍କଠାରୁ ଆଉ ୩ଟି ଚୋରି ମୋବାଇଲ ଜବତ କରିଥିଲା। ଏନେଇ ଅଭିଯୋଗ ପରେ ବାଲୁଗାଁ ପୋଲିସ ଏକ ମାମଲା (ନଂ.୩୦୧/୨୪ରେ)ରୁଜୁକରି ସମୀରଙ୍କୁ କୋର୍ଟଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ମାମଲାଟି ଚିଲିକା କୋର୍ଟରେ ବିଚାରଧୀନ ଥିଲା। ଏହି ମାମଲାର ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ଦଳେଇ ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ବରିଷ୍ଠ ଆଇନଜୀବୀ କୈଳାସ ଚନ୍ଦ୍ର ନାଥ ପରିଚାଳନା କରିଥିଲେ।

# ସାଲୁଣି କ୍ରିକେଟ କ୍ଲବ ଚାମ୍ପିୟନ

ବୋଲଗଡ଼,୫।୧ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ସଂପୁର ଗ୍ରାମର ବାଲୁଙ୍କେଶ୍ୱର ରାଇଜିଂଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଟାଙ୍ଗୀ ପଡ଼ିଆରେ ଅନୁଷ୍ଠିତ ଚତୁର୍ଦ୍ଦଶତମ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ ସାଲୁଣି କ୍ଲବ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ବଘେଇ କ୍ଲବ ଏବଂ ସାଲୁଣି କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିତି ବଘେଇ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୮.୩ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୦୯ ରନ ସଂଗ୍ରହ କରିଥିଲା। ଜବାବରେ ସାଲୁଣି ଟିମ୍ ୧୪.୨ ଓଭରରେ ୫ଉଇକେଟ ବିନିମୟରେ ୧୧୦ରନ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ବାବୁଲା ଜଗଦ୍ଦେବ ଏବଂ ପପୁ ମହାନ୍ତି ମ୍ୟାଚ୍ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥିଭାବେ ବିଜେଡି ନେତ୍ରୀ ମୀରା ପରିଡା, ସମ୍ମାନିତ ଅତିଥି ବରିଷ୍ଠ ଖବରଦାତା ବିଭୂତି ଭୂଷଣ ବିଶ୍ୱାଳ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଦୁର୍ଯ୍ୟୋଧନ ସ୍ୱାଇଁ, ସରପଞ୍ଚ ଜଳଧର ମହାନ୍ତି, ପଞ୍ଚାୟତ ବିଜେଡି ସଭାପତି ଚିତ୍ତରଞ୍ଜନ ମିଶ୍ର, ସାମାଜିକ କର୍ମୀ ରବୀନ୍ଦ୍ର ସାଥୁଆ, ଖବରଦାତା ନିରଞ୍ଜନ ସେଠୀ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୧୦ହଜାର ଟଙ୍କା ପ୍ରଦାନ କରିଥିଲେ। ସେହିପରି ରନରଅପ ଟିମକୁ ଟ୍ରଫି ସହ ୭ହଜାର ଟଙ୍କା ପ୍ରଦାନ କରାଯାଇଛି।



ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳିମାନେ।

# ଗିନି କପ୍ କ୍ରିକେଟ: ସୋଲାର କ୍ଲବ କଟକ ବିଜୟୀ



ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଖେଳାଳିଙ୍କ ସହ ହାତ ମିଳାଉଛନ୍ତି।

ଖୋର୍ଦ୍ଧା,୫।୧ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା କ୍ରିକେଟ ଆସୋସିଏଶନ ପକ୍ଷରୁ ଗିନି କପ୍‌ର ଦ୍ୱିତୀୟ ସଂସ୍କରଣ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ସୋଲାର କ୍ଲବ କଟକ ଏବଂ କିଶୋର କ୍ଲବ ଭୁବନେଶ୍ୱର ମଧ୍ୟରେ ହୋଇଥିଲା। ଟସ୍ ଜିତି ସୋଲାର କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ୬ଉଇକେଟ ବିନିମୟରେ ୧୬୩ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପ୍ରଦୀପ ଦାସ ୭୩ରନ ସଂଗ୍ରହ କରିଥିଲେ। ଜବାବରେ କିଶୋର କ୍ଲବ ୧୬ ଓଭରରେ ସମସ୍ତ ଉଇକେଟ ବିନିମୟରେ ୯୯ରନ ସଂଗ୍ରହ କରି ପରାଜିତ ହୋଇଥିଲା। ପ୍ରୀତିରଞ୍ଜନ ବଳିୟାରସିଂହ ଏବଂ ବିଜୟ କୁମାର ସିଂ ମ୍ୟାଚ୍ ପରିଚାଳନା କରିଥିଲେ। ଧନଞ୍ଜୟ ଛୋଟରାୟ ସ୍କୋରବୋର୍ଡ ପରିଚାଳନା କରିଥିଲେ। କ୍ରୀଡ଼ା ସମୀକ୍ଷକ ଆଶିଷ କୁମାର ରାୟ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ମ୍ୟାନ ଅଫ ଦି ମ୍ୟାଚ୍ ପ୍ରଦୀପ କୁମାର ଦାସଙ୍କୁ ୨ହଜାର ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। ଜିଲା କ୍ରିକେଟ ଆସୋସିଏଶନର କାର୍ଯ୍ୟକାରୀ ସଭାପତି ମନୋଜ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ମ୍ୟାଚରେ ସମ୍ପାଦକ ଭବାନୀ ଶଙ୍କର ପଣ୍ଡା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# କୁରାଡ଼ମଲ୍ଲ କ୍ରିକେଟ ଟୁର୍ନାମେଣ୍ଟ: ଝାଁଲା ଚାମ୍ପିୟନ

**ଖୋର୍ଦ୍ଧା,୫।୧ (ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କୁରାଡ଼ମଲ୍ଲ ମା' ବାଉତି କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ କ୍ରିକେଟ ଟୁର୍ନାମେଣ୍ଟରେ ଝାଁଲା ଟିମ୍ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ଝାଁଲା ଏବଂ ପାତ୍ରପଡ଼ା ଟିମ୍ ମଧ୍ୟରେ ହୋଇଥିଲା। ଝାଁଲା ଟିମ୍ ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ୫ଉଇକେଟ ବିନିମୟରେ ୨୦୬ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅଭିମନ୍ୟୁ ସ୍ୱାଇଁ ୪୦ ବଲରୁ ଶତକ ହାସଲ କରିଥିଲେ। ଜବାବରେ ପାତ୍ରପଡ଼ା ଟିମ୍ ୧୮ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୯୫ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଝାଁଲା ଟିମ୍‌ର ଅଭିମନ୍ୟୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ହେମନ୍ତ ରାଉତ ଏବଂ ସତ୍ୟପୀର ସାମନ୍ତରାୟ ମ୍ୟାଚ୍ ପରିଚାଳନା କରିଥିଲେ। ଶଶିଭୂଷଣ ସିଂ ଭାଷ୍ୟକାର, ରଞ୍ଜନ ନାୟକ ଏବଂ ପବିତ୍ର ପରିଡ଼ା ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଏକ ଘରୋଇ ତୈଳ କମ୍ପାନୀର ମ୍ୟାନେଜର ବୀରକିଶୋର ସାହୁ, କୁରାଡ଼ମଲ୍ଲ ସରପଞ୍ଚ ଶ୍ରୀରାମ ପ୍ରସାଦ ମହାନ୍ତି, ସାମାଜିକ କର୍ମୀ ପ୍ରସନ୍ନ ସାମନ୍ତରାୟ, ବିଭୁପ୍ରସାଦ ବଳିୟାରସିଂହ, ନିକୁଞ୍ଜ ପଟ୍ଟନାୟକ, ଦିଲୀପ କୁମାର ହୋତା, ଗୋପୀନାଥ ମହାରଥୀ, କାଇପଦର ସେବା ସମବାୟ ସମିତି ସମ୍ପାଦକ ଝଜ ସାମନ୍ତରାୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ୍ ଟିମ୍‌କୁ ପୁରସ୍କାର ପ୍ରଦାନ କରିଥିଲେ।





**ଫର୍ମ ନଂ. 13**
**ଋଣ ଅସୁଲି ନ୍ୟାୟାଧିକରଣ: କଟକ**
ସି-71, ସେକ୍ଟର- 7, ସିଡିଏ,
କଟକ- 753014, ଓଡ଼ିଶାଙ୍କ ଇଜିଲାସରେ
ଓ.ଏ. ନଂ.325/2024
ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍
...ଆବେଦନକାରୀ
ବନାମ
**ବୀରେନ୍ଦ୍ର ପ୍ରଧାନ** ...ପ୍ରତିବାଦୀ
ପ୍ରାପ୍ତେଷୁ,
ପ୍ରତିବାଦୀ
**ବୀରେନ୍ଦ୍ର ପ୍ରଧାନ,**
ପିତା- ଶ୍ରୀ ମଙ୍ଗୁଳି ଚରଣ ପ୍ରଧାନ,
ଡିବିଏଲ୍ କ୍ୟାମ୍ପ ଅଫିସ୍, ସ୍ଥାନ/ପୋଷ୍ଟ- ନଳାଙ୍ଗ, ସାଇ ମନ୍ଦିର ନିକଟ, ଥାନା- ଭଦ୍ରକ ଗ୍ରାମୀଣ, ଜିଲ୍ଲା- ଭଦ୍ରକ, ଓଡ଼ିଶା, ପିନ୍- 756112 ଓ ସ୍ଥାୟୀ ବାସିନ୍ଦା- ଗ୍ରାମ- ଭାପୁର, କାଳୀ ମନ୍ଦିର ନିକଟ, ପୋଷ୍ଟ- ବଡ଼ସିରେଇପୁର, ଭାୟା/ଥାନା- ବାଣପୁର, ଜିଲ୍ଲା- ଖୋର୍ଦ୍ଧା, ପିନ୍ କୋଡ୍- 752031
**ପ୍ରାର୍ଥନା କରାଯାଇଥିବା ଆଶ୍ୱସ୍ତି କାହିଁକି ମଞ୍ଜୁର କରା ନ ଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଯୋଗେ ସମନ**
ନୋଟିସ ଦିଆଯାଉଛି ଯେ, ଆବେଦନକାରୀ-ବ୍ୟାଙ୍କ ଋଣ ଅସୁଲି ନ୍ୟାୟାଧିକରଣ, କଟକ ଅଦାଲତଙ୍କ ନିକଟରେ ଟ.24,67,059/- (ଟଙ୍କା ଚବିଶ ଲକ୍ଷ ସତଷଠି ହଜାର ଅଣଷଠି ମାତ୍ର) ସମେତ ଚଳିତ ତଥା ପରବର୍ତ୍ତୀ ସୁଧ, ବ୍ୟୟର ଅସୁଲି ଏବଂ ଅନ୍ୟାନ୍ୟ ଆଶ୍ୱସ୍ତି ନିମନ୍ତେ ଓ.ଏ. ନଂ. 325/2024 ପ୍ରକ୍ରିୟା ଆରମ୍ଭ କରିଛନ୍ତି। ତେଣୁ, ଉକ୍ତ ଓଏ ନିମନ୍ତେ ପ୍ରାର୍ଥନା କରାଯାଇଥିବା ଆଶ୍ୱସ୍ତି କାହିଁକି ମଞ୍ଜୁର କରାଯିବ ନାହିଁ ତାହାର କାରଣ ଦର୍ଶାଇବା ନିମନ୍ତେ ଏହି ନୋଟିସ ପ୍ରକାଶନ ତାରିଖରୁ 30 ଦିନ ମଧ୍ୟରେ କିମ୍ବା ତା24.02.2025ରିଖ ପୂର୍ବାହ୍ନ 10.30 ଘଟିକାରେ ବ୍ୟକ୍ତିଗତ ଭାବେ କିମ୍ବା ଜଣେ ଓକିଲ ଅଥବା ବିଧିବଦ୍ଧ ଭାବେ ଅଧିକୃତ ଏଜେଣ୍ଟଙ୍କ ଜରିଆରେ ଏହି ନ୍ୟାୟାଧିକରଣଙ୍କ ସମ୍ମୁଖରେ ନିଜର ପକ୍ଷ ଉପସ୍ଥାପନ କରିବା ପାଇଁ ଆପଣଙ୍କୁ ନିର୍ଦ୍ଦେଶ ଦିଆଯାଉଛି।
ନୋଟିସ ଦିଆଯାଉଛି ଯେ, ଏଥିରେ ଖିଲାପ କରାଗଲେ ଆପଣଙ୍କ ଅନୁପସ୍ଥିତିରେ ଓଏ'ର ଶୁଣାଣି ଓ ଫଇସଲା କରାଯିବ।
ମୋ ଦସ୍ତଖତ ଓ ଏହି ନ୍ୟାୟାଧିକରଣଙ୍କ ମୋହର ଅଧୀନରେ ଅଦ୍ୟ 19 ଡିସେମ୍ବର, 2024 ରେ ପ୍ରଦତ୍ତ।
(ନିଖିଳ ରଞ୍ଜନ ପତି)
ନିବନ୍ଧକ


# ଶ୍ରୀବତ୍ସ ସ୍ମାରକୀ ଅଲ୍ ଓଡ଼ିଶା ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଜଟଣୀ,୫।୧ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ଅନ୍ତର୍ଗତ କୁସୁମାଟି ଗ୍ରାମସ୍ଥିତ ଖେଳପଡ଼ିଆରେ ୨୬ତମ ଶ୍ରୀବତ୍ସ ସ୍ମାରକୀ ଅଲ୍ ଓଡ଼ିଶା ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଫ୍ରେଣ୍ଡ୍ସ ପାରାଡାଇଜ୍ ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟକୁ ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ ଉଦ୍‌ଘାଟନ କରିଥିଲେ। ଜଟଣୀ ବ୍ଲକ ଅଧକ୍ଷା ଜୟନ୍ତୀ ଛୋଟରାୟ, ଛଣଘର ସରପଞ୍ଚ ସୁବାସିନୀ ବିଶ୍ୱାଳ, ସମିତିସଭ୍ୟା ସତ୍ୟଭାମା ରାଉତରାୟ, ଦେବାଶିଷ ନାୟକ, ରବି ସ୍ୱାଇଁ, ସୁନୀଲ ରାଉତରାୟ, ହରମୋହନ ରାଉତରାୟ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ନାମେଣ୍ଟରେ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ଦୁଇଟି ବିଭାଗରେ ବିଭକ୍ତ କରାଯାଇଛି। ସହରାଞ୍ଚଳ ଉଦ୍‌ଘାଟନୀ ମ୍ୟାଚ୍‌ରେ ଓ୍ୱାଇଏଏଫ୍‌ସି ଚୌଦ୍ୱାର କଟକକୁ ହରାଇ ନାଇଜେରିଆନ-୧୧ ଟିମ୍ ବିଜୟୀ ହୋଇଛି। ପ୍ରଫୁଲ୍ଲ ବେହେରା ମ୍ୟାଚ୍ ପରିଚାଳନା କରିଥିବା ବେଳେ ବିଦେଶୀ ନାୟକ, କେଦାର ବରାଳ ଏବଂ ଅବିନାଶ ପଟ୍ଟନାୟକ ସହଯୋଗ କରିଥିଲେ। ସେହିଭଳି ଗ୍ରାମାଞ୍ଚଳ ପ୍ରଥମ ମ୍ୟାଚ୍‌ରେ ଖୋର୍ଦ୍ଧାର ମୁକୁନ୍ଦପ୍ରସାଦ ଟିମ୍‌କୁ ହରାଇ ଜଟଣୀର ଅରୁଗୁଳ ଟିମ୍ ବିଜୟୀ ହୋଇଛି। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ କିଷ୍ଟ-୧୧ଟିମ୍‌କୁ ହରାଇ କୁସୁମାଟି ଟିମ୍ ବିଜୟୀ ହୋଇଛି। ତୃତୀୟ ମ୍ୟାଚରେ ତଳଖେତାକୁ ହରାଇ କରଡ଼ାପଲ୍ଲୀ ବିଜୟୀ ହୋଇଛି। ଚତୁର୍ଥ ମ୍ୟାଚରେ ଟାଇବ୍ରେକରରେ ଥାନାପଲ୍ଲିକୁ ହରାଇ ଡାଇନାମିକ ଏଫ୍‌ସି ବିଜୟୀ ହୋଇଛି।




**ODISHA HYDRO POWER CORPORATION LTD.**
**(A Gold Rated State PSU)**
O/O Sr. GENERAL MANAGER, Rengali Hydro Electric Project, Rengali
P.O : RENGALI DAM SITE, DIST : ANGUL (ODISHA) INDIA, PIN : 759105
TEL : 06760-266031, Email : sgmel500@gmail.com
No.OHPC : RHEP/TW/PUR-III-146/8950 /Date : 27.12.2024
**TENDER CALL NOTICE No. 39/2024-25**
**No.CAD-2027** : Sealed Tenders are invited in two part i.e (i) Techno Commercial bid & (ii) Price bid in separate sealed envelopes from the reputed manufacturers of Power Transformer for the work as mentioned below.

| Description of Materials / Services | Cost of tender paper (Non-refundable) in Rs. | EMD (Refundable) | Period of availability of tender at OHPC website (Sale) | Last date & Time of receipt of Tender | Date & Time of opening of Techno Commercial bid |
|---|---|---|---|---|---|
| Supply, Installation, Testing & Commissioning of one no. 20 MVA, 220/33 KV Station Service Transformer for RHEP, Rengali | Rs. 11,800/- (Rs. 10,000/- + GST@18%) | Rs. 4,99,270.00 | From Dt. 08.01.2025 to Dt. 06.02.2025 (Up to 04:00 P.M.) | Up to 04:30 P.M. Dt. 06.02.2025 | At 05:00 P.M. Dt. 06.02.2025 |

For details of the tender documents, terms and conditions please visit our website www.ohpcltd.com.
OIPR-04022/11/0039/2425 Sd./- Unit Head, RHEP, Rengali




ପଥ ଉତ୍ସବ ଅବସରରେ କଟକ ବାରବାଟୀ ଦୁର୍ଗ ନିକଟ ରାସ୍ତାରେ ମହିଳାମାନେ ରଙ୍ଗୋଲି ପକାଉଛନ୍ତି।



ଛାତ୍ରୀଛାତ୍ର ସ୍କେଟିଂ କରୁଛନ୍ତି।



ପଥ ଉତ୍ସବରେ କୁସ୍ତି ପ୍ରଦର୍ଶନ କରାଯାଉଛି।

# ପଥ ଉତ୍ସବର ମଜା ନେଲେ କଟକବାସୀ

**କଟକ,୫।୧ (ଶିଳ୍ପା ପ୍ରିୟଦର୍ଶିନୀ)**

ପ୍ରବାସୀ ଭାରତୀୟ ଦିବସ ଉପଲକ୍ଷେ କଟକରେ ପଥ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ଏବଂ ସିଏମ୍‌ସିର ମିଳିତ ଆନୁକୂଲ୍ୟରେ ଆୟୋଜିତ ପଥ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ କହିଛନ୍ତି, କଟକରେ ପ୍ରଥମଥର ପଥ ଉତ୍ସବ ଅନୁଷ୍ଠିତ ହୋଇଛି। ଏହାକୁ ସମସ୍ତେ ଉପଭୋଗ କରିବା ସହ ସହରକୁ ସ୍ୱଚ୍ଛ ରଖିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଅଧ୍ୟକ୍ଷତା କରି କହିଛନ୍ତି, ପ୍ରବାସୀ ଭାରତୀୟମାନେ କଟକର ନେତାଜୀ ସଂଗ୍ରହାଳୟ, ନୌବାଣିଜ୍ୟ ସଂଗ୍ରହାଳୟ, ନ୍ୟାୟ ସଂଗ୍ରହାଳୟ, ସିଲ୍‌ଭରସିଟି ବୋଟ୍ କ୍ଲବ୍, ବାରବାଟୀ ଦୁର୍ଗ ଆଦି ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି। ଏହି ଉପଲକ୍ଷେ ଆସନ୍ତା ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ସିଲ୍‌ଭରସିଟି



ପଥ ଉତ୍ସବରେ ଯୋଗଦେଇଥିବା ଏମ୍‌ପି ଭର୍ତ୍ତୃହରି ମହତାବ, ମେୟର ସୁବାସ ସିଂଙ୍କ ସହ ଅନ୍ୟମାନେ।

ବୋଟ୍ କ୍ଲବ ପରିସରରେ ସକାଳେ ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ପ୍ରଦର୍ଶନୀର ଆୟୋଜନ କରାଯାଇଛି। ସେଠାରେ କଟକର ହସ୍ତଶିଳ୍ପ, ହସ୍ତତନ୍ତ ଓ କାରିଗରି ସ୍ଥାନ ପାଇବାକୁ ଥିବାବେଳେ ତାରକସି କାମ, ପଥର ଶିଳ୍ପ, ମାଣିଆବନ୍ଧ ଶାଢ଼ି ଆଦି ପ୍ରଦର୍ଶନ କରାଯିବ ବୋଲି ସିନ୍ଦେ କହିଛନ୍ତି। ସିଏମ୍‌ସି କମିଶନର ଅନାମ ଚରଣ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ସିଏମ୍‌ସି ମେୟର ସୁବାସ ସିଂ, ଡେପୁଟି ମେୟର ଦମୟନ୍ତୀ ମାଝୀ, କାର୍ଯ୍ୟନିର୍ବାହୀ ଜିଲାପରିଷଦ ସୁବାସ ଚନ୍ଦ୍ର ରାଏ, ଉପଜିଲାପାଳ ଜ୍ୟୋତିଶଙ୍କର ରାଏଙ୍କ ସମେତ ସିଏମ୍‌ସିର କର୍ପୋରେଟରମାନେ ଉପସ୍ଥିତ ଥିଲେ।

ପଥ ଉତ୍ସବ ଅବସରରେ କଟକ ବାରବାଟୀ ଦୁର୍ଗଠାରୁ ନ୍ୟାୟ ସଂଗ୍ରହାଳୟ ପର୍ଯ୍ୟନ୍ତ ରାସ୍ତାରେ ରଙ୍ଗୋଲି, ସ୍କେଟିଂ, ସଚେତନତା ଶୋଭାଯାତ୍ରା, ଯୋଗାସନ, ଚାରା ବିକ୍ରୟ କେନ୍ଦ୍ର, ସ୍ୱାସ୍ଥ୍ୟ ଶିବିର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ରହ୍ମପୁର ଅଞ୍ଚଳର କଣ୍ଢେଇ ନୃତ୍ୟ ଦେଖିବା ପାଇଁ ଲୋକଙ୍କ ଭିଡ଼ ଲାଗିଥିଲା। ମିଶନ ଶକ୍ତି ମହିଳାମାନେ ବାରବାଟୀ ଦୁର୍ଗ ରାସ୍ତାକୁ ରଙ୍ଗୋଲିରେ ସଜାଇଥିଲେ। ସ୍କେଟିଂ ଆସୋସିଏଶନ ଅଫ୍ ଓଡ଼ିଶାର ୮ ଜଣ ଛାତ୍ରୀଛାତ୍ର ସ୍କେଟିଂ କରିଥିଲେ। ସେହିପରି କଟକ ଜିଲା କୁସ୍ତି ସଂଘ ପକ୍ଷରୁ କୁସ୍ତି ପ୍ରଦର୍ଶନ ହୋଇଥିଲା। କଳିଙ୍ଗ ଜିମ୍‌ନାଷ୍ଟିକର ଛାତ୍ରୀଛାତ୍ରଙ୍କ ଦ୍ୱାରା ଯୋଗାସନ ଦେଖିବାକୁ ମିଳିଥିଲା। କଟକର ଚିତ୍ରଶିଳ୍ପୀ ଲକ୍ଷ୍ମୀଧର ପ୍ରଧାନ ତୂଳୀ ସାହାଯ୍ୟରେ ମୁହଁରେ ଜାତୀୟ ପତାକାର ଚିତ୍ର ଆଙ୍କିଥିଲେ। ସିଏମ୍‌ସି ଅଧୀନରେ ଥିବା ସଫେଇ କର୍ମଚାରୀମାନେ ପରିବେଶ ସ୍ୱଚ୍ଛ ଓ ସୁରକ୍ଷା ନେଇ ସଚେତନା ଶୋଭାଯାତ୍ରାରେ ଅଞ୍ଚଳ ପରିକ୍ରମା କରିଥିଲେ। ସେହିପରି ଅପରାହ୍ନ ସାଢେ ୨ଟାରେ ତଳ ବାଲିଯାତ୍ରା ପଡିଆଠାରେ ପଥ ଉତ୍ସବ ଅବସରରେ କାଇଟ୍ ଫେଷ୍ଟିଭାଲ ଆୟୋଜିତ ହୋଇଥିଲା। ପରେ ଫୁଡ୍ ଫେଷ୍ଟିଭାଲ ଓ ସନ୍ଧ୍ୟାରେ ବସ୍ତି ଅଞ୍ଚଳର ଶିଶୁ, ଟ୍ରାନ୍ସଜେଣ୍ଡର ଏବଂ ସିଏମ୍‌ସି କର୍ମଚାରୀଙ୍କୁ ନେଇ ଫ୍ୟାଶନ ଶୋ କରାଯାଇଥିଲା।

## ତାରିକ୍, ସତ୍ୟଜିତ୍‌ଙ୍କ ଗୀତରେ ଝୁମିଲେ

ପଥ ଉତ୍ସବ ପାଇଁ ବାରବାଟୀ ଦୁର୍ଗ ନିକଟ ଓ ଇନ୍‌ଡୋର ଷ୍ଟାଡିୟମ ନିକଟରେ ମୋଟ୍ ଦୁଇଟି ମଞ୍ଚ ନିର୍ମାଣ କରାଯାଇଥିଲା। ଏଥିରେ ନାଚ, ଗୀତ ସହ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଓଲିଉଡ୍ କଣ୍ଠଶିଳ୍ପୀ ସତ୍ୟଜିତ୍ ପ୍ରଧାନ, ତାରିକ୍ ଅଜିଜ୍, ଶ୍ରୀଜାତା ଉପାଧ୍ୟାୟ, ସୌରିନ୍ ପ୍ରିୟାନ, ଭାଗ୍ୟଶ୍ରୀ ମହାନ୍ତି ଓ ଇଣ୍ଟରଲ୍ୟୁଡ ବ୍ୟାଣ୍ଡ୍ ପକ୍ଷରୁ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି ନୃତ୍ୟ ଓ ସଙ୍ଗୀତରେ ସହରବାସୀ ଝୁମିଥିଲେ।





## ଆକର୍ଷଣ ସାଜିଲା ଏଲ୍‌ଇଡି, ଟ୍ରେନ୍ କାଇଟ୍



ପଥ ଉତ୍ସବ ଅବସରରେ ଅପରାହ୍ନରେ ବାଲିଯାତ୍ରା ତଳ ପଡିଆରେ କାଇଟ୍ ଫେଷ୍ଟିଭାଲ ଅନୁଷ୍ଠିତ ହୋଇଥିଲା। କାଇଟମାଇନ୍ ନାମକ ସଂସ୍ଥାର ୧୦ଜଣ ସଦସ୍ୟ ସହରର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଗୁଡ଼ି ତିଆରି ସହ ଉଡାଇବା ଶିଖାଇ ଥିଲେ। ପରେ ନିଜେ ପ୍ରସ୍ତୁତ କରିଥିବା ଟ୍ରେନ୍‌କାଇଟ୍‌କୁ ଉଡ଼ାଇଥିଲେ। ଏକ ସଙ୍ଗରେ ୩୦ରୁ ଅଧିକ ଗୁଡ଼ି ଆକାଶରେ ଉଡୁଥିବା ଦେଖିବାକୁ ମିଳିଥିଲା। ଏଥିସହ ଏଲ୍‌ଇଡି କାଇଟ୍ ଶୋ, ଡ୍ରୋନ୍ କାଇଟ୍ ଶୋ କରାଯାଇଥିଲା। ଏହାକୁ ଦେଖିବା ପାଇଁ ପଡିଆରେ ଜନସମାଗମ ହୋଇଥିଲା।



## ୩ ବଖରା ଜଳିଗଲା

**ଚୌଦ୍ୱାର,୫।୧ (ଆଶୁତୋଷ ଦାସ)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ବ୍ରହ୍ମପୁର ପଞ୍ଚାୟତର ଜେମାଦେଇପୁର ଗ୍ରାମରେ ରବିବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଅଗ୍ନିକାଣ୍ଡ ଘଟିରିୟାଜଉଦ୍ଦିନ ଖାନ୍ ଓ ସାହାଜଉଦ୍ଦିନ ଖାନ୍‌ଙ୍କ ୩ ବଖରା ଜଳିଯାଇଛି। ଏଥିରେ ଘରର ଆସବାବପତ୍ର, ସୁନା ଅଳଙ୍କାର ଓ ଅନ୍ୟ ସାମଗ୍ରୀ ପୋଡିଯାଇଛି। ଚୌଦ୍ୱାର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ସଟ୍ ସର୍କିଟ୍‌ରୁ ନିଆଁ ଲାଗିଥିବା ଅଗ୍ନିଶମ ଅଧିକାରୀ ବିଷ୍ଣୁ ପ୍ରସାଦ ଦାସ କହିଛନ୍ତି। ଖବରପାଇ ସ୍ଥାନୀୟ ସରପଞ୍ଚ, ପୂର୍ବତନ ସରପଞ୍ଚ, ଆର୍‌ଆଇ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି। ବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## କଂଗ୍ରେସର ବନ୍ଧୁମିଳନ

**କଟକ,୫।୧ (ଶିଳ୍ପା ପ୍ରିୟଦର୍ଶିନୀ)**

ବରିଷ୍ଠ କଂଗ୍ରେସ ନେତା ଇଂ. ମହମ୍ମଦ ମୋକିମଙ୍କ ଆହ୍ୱାନକ୍ରମେ କଟକ ସିଡିଏ ସେକ୍ଟର-୬ସ୍ଥିତ ୱିଣ୍ଡସର ପ୍ୟାଲେସ୍‌ଠାରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଯୋଗଦେଇ କଟକ ଶାନ୍ତି କମିଟିର ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷଙ୍କ ସମେତ ଅନ୍ୟ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କଟକ ଜିଲା ଓ ସହରର ଶୁଭେଚ୍ଛୁମାନେ ଏଥିରେ ଯୋଗଦେଇ ସୋଫିଆ ଓ ମୋକିମଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ନିକୁଞ୍ଜ ପଶାୟତ, ବିଶ୍ୱଜିତ୍ ଦାସ, ସୂର୍ଯ୍ୟକାନ୍ତ ରାଉତ, ଶୈଳବାଳା ଜେନା, କର୍ପୋରେଟର ଭାନୁ ସେନାପତି, ଲିଜା ରାଉତ, ଜେ. କାମେଶ୍ୱର ରାଓ, ଶୁଭାଶିଷ ପଟ୍ଟନାୟକ, ବଟକୃଷ୍ଣ ସାହୁ, ଜନାର୍ଦ୍ଦନ ପରିଡା ଉପସ୍ଥିତ ଥିଲେ। କଟକ ନଗର କଂଗ୍ରେସର ପୂର୍ବତନ ସଭାପତି ଗିରିବାଳା ବେହେରା ଧନ୍ୟବାଦ ଦେଇଥିଲେ।

## ଆଇଆଇସି ସ୍ତରୀୟ ଅଦଳବଦଳ ନିର୍ଦ୍ଦେଶନାମାରେ ପରିବର୍ତ୍ତନ

**କଟକ,୫।୧ (କାର୍ତ୍ତିକ ସାହୁ)**

କମିଶନରେଟ୍ ପୋଲିସର ଆଇଆଇସି ସ୍ତରରେ ପୁଣି ଅଦଳବଦଳ କରାଯାଇଛି। ୧୪ ଦିନ ତଳେ ଅଦଳବଦଳ କରାଯାଇଥିବାବେଳେ ପୁଣି ପୋଲିସ କମିଶନର ଆଉ ଏକ ନିର୍ଦ୍ଦେଶନାମା ବଳରେ ପୂର୍ବ ଅଦଳବଦଳରେ କେତେକ ପରିବର୍ତ୍ତନ କରିଥିବା ଜଣାପଡିଛି।

ସୂଚନାନୁସାରେ, ପୋଲିସ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ କଟକ କମିଶନରେଟ୍ ପୋଲିସର ୪ଟି ଥାନାରେ ଇନ୍ସପେକ୍ଟରଙ୍କ ଅଦଳବଦଳ ଗତ ଡିସେମ୍ବର ୨୩ରେ କରାଯାଇଥିଲା। ଦରଘାବଜାର ଥାନା ଆଇଆଇସି ଚିନ୍ତେଶ୍ୱର ମୁଣ୍ଡାଙ୍କୁ ଚାଉଳିଆଗଞ୍ଜ ଥାନାକୁ, ଚାଉଳିଆଗଞ୍ଜ ଥାନା ଆଇଆଇସି ଦେବେନ୍ଦ୍ର କୁମାର ବିଶ୍ୱାଳଙ୍କୁ ଦରଘାବଜାର ଥାନା, ସଦର ଥାନାର ଆଇଆଇସି ଜଗନ୍ନାଥ ମଲ୍ଲିକଙ୍କୁ କଟକ ଡିସିପିଙ୍କ କାର୍ଯ୍ୟାଳୟ, ଜଗତପୁର ଥାନା ଆଇଆଇସି ଓମ୍‌ପ୍ରକାଶ ମହାନ୍ତିଙ୍କୁ ସଦର ଥାନା, ଡିସିପିଙ୍କ କାର୍ଯ୍ୟାଳୟରେ ଥିବା ଇନ୍ସପେକ୍ଟର ଅନିରୁଦ୍ଧ ନାୟକଙ୍କୁ ଜଗତପୁର ଥାନାକୁ ବଦଳି କରାଯାଇଥିଲା। କିନ୍ତୁ ରବିବାର ଜାରି ନୂଆ ନିର୍ଦ୍ଦେଶନାମାରେ ପୂର୍ବ ନିର୍ଦ୍ଦେଶନାମାରେ ପରିବର୍ତ୍ତନ କରାଯାଇଥିବା ଦର୍ଶାଯାଇଛି। ଏହାଦ୍ୱାରା ଦେବେନ୍ଦ୍ର ବିଶ୍ୱାଳଙ୍କୁ କ୍ୟାଣ୍ଟନମେଣ୍ଟ ଥାନାକୁ ବଦଳି କରାଯାଇଛି। ସେହିଭଳି କ୍ୟାଣ୍ଟନମେଣ୍ଟ ଥାନା ଆଇଆଇସି ପ୍ରମୋଦ କୁମାର ପଟ୍ଟନାୟକଙ୍କୁ ପୋଲିସ କମିଶନରଙ୍କ କାର୍ଯ୍ୟାଳୟ ସହିତ ଭୁବନେଶ୍ୱର ଟ୍ରାଫିକ ଦାୟିତ୍ୱ ଦିଆଯାଇଛି। କନ୍ଧମାଳରୁ ବଦଳି ହୋଇ ଆସିଥିବା ଭଗବାନ ପୂଜାରୀଙ୍କୁ ମର୍କତନଗର ଥାନା ଆଇଆଇସି ଭାବେ ନିଯୁକ୍ତି ମିଳିଛି। ଲାଲବାଗ ଥାନାରେ ଏସ୍‌ଆଇ ଥିବା ରାକେଶ କୁମାର ବେହେରା ଇନସ୍ପେକ୍ଟର ପାହ୍ୟାକୁ ପଦୋନ୍ନତି ପାଇବା ପରେ ତାଙ୍କୁ ଦରଘାବଜାର ଥାନା ଆଇଆଇସି ଭାବେ ପ୍ରଥମଥର ନିଯୁକ୍ତି ମିଳିଛି। ଅପରପକ୍ଷରେ ମର୍କତନଗର ଥାନା ଆଇଆଇସି ଥିବା କମଳାକାନ୍ତ ଦାସଙ୍କୁ ପୂର୍ବରୁ ଭଦ୍ରକ ବଦଳି ଅପରିବର୍ତ୍ତିତ ରହିଥିବା ନିର୍ଦ୍ଦେଶନାମାରେ ଦର୍ଶାଯାଇଛି।

## ନିର୍ମାଣାଧୀନ ଡ୍ରେନ୍ କାନ୍ଥ ଭୁଶୁଡ଼ିଲା

**କଟକ,୫।୧ (କାର୍ତ୍ତିକ ସାହୁ)**

କଟକ ମାତୃଭବନ ନିକଟରେ ନିର୍ମାଣାଧୀନ ଓପନଡ୍ରେନ୍ କଂକ୍ରିଟ୍ କାନ୍ଥ ରବିବାର ସକାଳ ପ୍ରାୟ ୯ଟାରେ ଭୁଶୁଡ଼ି ପଡ଼ିଛି। ଏହାଦ୍ୱାରା ୪ ଜଣ ଶ୍ରମିକ ସାମାନ୍ୟ ଆହତ ହୋଇଥିବା କୁହାଯାଉଛି। ତେବେ ବଡ଼ଧରଣର ବିପଦ ଟଳିଯାଇଥିବାବେଳେ ଠିକା ସଂସ୍ଥାର ଅପରିଣାମଦର୍ଶିତା ପାଇଁ ଯେକୌଣସି ସମୟରେ ଜୀବନହାନି ନ ହେବ ତାହାକୁ ନେଇ ଆଶଙ୍କା ପ୍ରକାଶ ପାଇଛି।

ସୂଚନାନୁସାରେ, ଛତ୍ରବଜାର ପର୍ଯ୍ୟନ୍ତ ବକ୍ସଡ୍ରେନ୍ ନିର୍ମାଣ ଶେଷ ହୋଇଛି। ସେଠାରୁ ମାତୃଭବନ ପର୍ଯ୍ୟନ୍ତ ଓପନ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଚାଲିଛି। ତେବେ ତାଳଦଣ୍ଡା କେନାଲ ରୋଡ୍‌ର ମାତୃଭବନ ନିକଟରେ ନିର୍ମାଣ କାର୍ଯ୍ୟ ଚାଲିଥିବା ସମୟରେ ଏଭଳି ଅଘଟଣ ଘଟିଛି। ପ୍ରାୟ ୩ ମିଟର ଓସାରରେ ଉଭୟ ପାର୍ଶ୍ୱ କାନ୍ଥ ଭୁଶୁଡ଼ି ପଡ଼ିଛି। ଏହାଦ୍ୱାରା ନିର୍ମାଣ କାର୍ଯ୍ୟ ବନ୍ଦ ରଖାଯାଇଛି। ଠିକା ସଂସ୍ଥାର ଦାୟିତ୍ୱହୀନତାକୁ



ପ୍ରତ୍ୟକ୍ଷଦର୍ଶୀ ଦାୟୀ କରିଛନ୍ତି। ଅପରପକ୍ଷରେ ଠିକାସଂସ୍ଥାର ସୁପରଭାଇଜର ଚିତ୍ତରଞ୍ଜନ ସାହୁ କହିଛନ୍ତି, ପ୍ରବଳ ପାଣି ଆସିଯିବାରୁ କାନ୍ଥ ଭୁଶୁଡ଼ି ପଡିଲା। ସିଏମ୍‌ସି ମେୟର ସୁବାସ ସିଂ କହିଛନ୍ତି, ଏହି ଅଘଟଣରେ ଜୀବନ ହାନି ହୋଇନାହିଁ। ହେଲେ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ। କାମ କରାଯିବା ସମୟରେ ପ୍ରତିକାରମୂଳକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା କି ନାହିଁ ତାହାକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯିବ। ଉଲ୍ଲେଖଯୋଗ୍ୟ, କିଛିଦିନ ତଳେ ଡ୍ରେନ୍ ନିର୍ମାଣବେଳେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ଠିକା ସଂସ୍ଥାର ଦାୟିତ୍ୱହୀନତା ପାଇଁ ଏଭଳି ଜୀବନ ହାନି ଘଟିଲା ବୋଲି ତଦନ୍ତରୁ ଜଣାପଡ଼ିଥିଲା।

## ବାରବାଟୀ ଫୋର୍ଟ ଚାମ୍ପିୟନ



**କଟକ,୫।୧ (କାର୍ତ୍ତିକ ସାହୁ)**

ବାରବାଟୀ ୟୁନାଇଟେଡ୍ କ୍ଲବ୍ ପକ୍ଷରୁ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ସ୍ଥାନୀୟ ସତ୍ୟବ୍ରତ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ହୋଇଯାଇଛି। କ୍ଲବ୍ ସଦସ୍ୟଙ୍କ ମଧ୍ୟରେ ୪ଟି ଦଳ (ବାରବାଟୀ ଫୋର୍ଟ, ବାରବାଟୀ ଫ୍ରେଣ୍ଡସ, ବାରବାଟୀ ବ୍ଲାଷ୍ଟର ଓ ବାରବାଟୀ ମର୍ଣ୍ଣିଙ୍ଗ) ଗଠନ କରାଯାଇ ମ୍ୟାଚ ଖେଳାଯାଇଥିଲା। ଏହି ଟୁର୍ନାମେଣ୍ଟରେ ବାରବାଟୀ ଫୋର୍ଟ ଚାମ୍ପିୟନ ହୋଇଥିଲା। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସଞ୍ଜୀବ ମହାନ୍ତି, ମହମ୍ମଦ ଜହୁର ଓ ସେକ୍ ହାଦାତ ରେଫରୀ ରୂପେ ଖେଳ ପରିଚାଳନା କରିଥିଲେ। କ୍ଲବ୍ ଅଧ୍ୟକ୍ଷ ପ୍ରକାଶ କୁମାର ନନ୍ଦ, ସଭାପତି ଶିବଶଙ୍କର ସାହୁ, ସଚିବ ପୀତବାସ ସାହୁ, ଶେଖ୍ ଦାଉଦ୍, ମହମ୍ମଦ ମୁସ୍ତାକିମ, ମିର୍ଜା ସଫିକ ବେଗ୍, କୋଷାଧ୍ୟକ୍ଷ ସୁନାକର ଦଳାଇ, ଅନୁପ ପ୍ରକାଶ ବିଶ୍ୱାଳ, ଇମ୍ତିଆଜ ଖାନ୍, ହୃଦୟ ରଞ୍ଜନ ସ୍ୱାଇଁ, ପ୍ରକାଶ କୁମାର ସାହୁ, ଜ୍ଞାନରଞ୍ଜନ ପଟ୍ଟନାୟକ ପ୍ରମୁଖ ସହାୟତା କରିଥିଲେ। ଏହି ଅବସରରେ ରାଜ୍ୟର କେତେଜଣ ଫୁଟବଲ ଖେଳାଳିଙ୍କୁ ସମ୍ମାନିତ କରାଯାଇଥିଲା।

**ଫର୍ମ ନଂ. 13**
**ଋଣ ଅସୁଲି ନ୍ୟାୟାଧିକରଣ: କଟକ**
ସି-71, ସେକ୍ଟର- 7, ସିଡିଏ,
କଟକ- 753014, ଓଡ଼ିଶାଙ୍କ ଇଜିଲାସରେ
ଓ.ଏ. ନଂ.325/2024
ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍
...ଆବେଦନକାରୀ
ବନାମ
**ବୀରେନ୍ଦ୍ର ପ୍ରଧାନ** ...ପ୍ରତିବାଦୀ
ପ୍ରାପ୍ତେଷୁ,
ପ୍ରତିବାଦୀ
**ବୀରେନ୍ଦ୍ର ପ୍ରଧାନ,**
ପିତା- ଶ୍ରୀ ମଙ୍ଗୁଳି ଚରଣ ପ୍ରଧାନ,
ଡିବିଏଲ୍ କ୍ୟାମ୍ପ ଅଫିସ୍, ସ୍ଥାନ/ପୋଷ୍ଟ- ନଳାଙ୍ଗ, ସାଇ ମନ୍ଦିର ନିକଟ, ଥାନା- ଭଦ୍ରକ ଗ୍ରାମୀଣ, ଜିଲ୍ଲା- ଭଦ୍ରକ, ଓଡ଼ିଶା, ପିନ୍- 756112 ଓ ସ୍ଥାୟୀ ବାସିନ୍ଦା- ଗ୍ରାମ- ଭାପୁର, କାଳୀ ମନ୍ଦିର ନିକଟ, ପୋଷ୍ଟ- ବଡ଼ସିରେଇପୁର, ଭାୟା/ଥାନା- ବାଣପୁର, ଜିଲ୍ଲା- ଖୋର୍ଦ୍ଧା, ପିନ୍ କୋଡ୍- 752031
**ପ୍ରାର୍ଥନା କରାଯାଇଥିବା ଆଶ୍ୱସ୍ତି କାହିଁକି ମଞ୍ଜୁର କରା ନ ଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଯୋଗେ ସମନ**
ନୋଟିସ ଦିଆଯାଉଛି ଯେ, ଆବେଦନକାରୀ-ବ୍ୟାଙ୍କ ଋଣ ଅସୁଲି ନ୍ୟାୟାଧିକରଣ, କଟକ ଅଦାଲତଙ୍କ ନିକଟରେ ଟ.24,67,059/- (ଟଙ୍କା ଚବିଶ ଲକ୍ଷ ସତଷଠି ହଜାର ଅଣଷଠି ମାତ୍ର) ସମେତ ଚଳିତ ତଥା ପରବର୍ତ୍ତୀ ସୁଧ, ବ୍ୟୟର ଅସୁଲି ଏବଂ ଅନ୍ୟାନ୍ୟ ଆଶ୍ୱସ୍ତି ନିମନ୍ତେ ଓ.ଏ. ନଂ. 325/2024 ପ୍ରକ୍ରିୟା ଆରମ୍ଭ କରିଛନ୍ତି। ତେଣୁ, ଉକ୍ତ ଓଏ ନିମନ୍ତେ ପ୍ରାର୍ଥନା କରାଯାଇଥିବା ଆଶ୍ୱସ୍ତି କାହିଁକି ମଞ୍ଜୁର କରାଯିବ ନାହିଁ ତାହାର କାରଣ ଦର୍ଶାଇବା ନିମନ୍ତେ ଏହି ନୋଟିସ ପ୍ରକାଶନ ତାରିଖରୁ 30 ଦିନ ମଧ୍ୟରେ କିମ୍ବା ତା24.02.2025ରିଖ ପୂର୍ବାହ୍ନ 10.30 ଘଟିକାରେ ବ୍ୟକ୍ତିଗତ ଭାବେ କିମ୍ବା ଜଣେ ଓକିଲ ଅଥବା ବିଧିବଦ୍ଧ ଭାବେ ଅଧିକୃତ ଏଜେଣ୍ଟଙ୍କ ଜରିଆରେ ଏହି ନ୍ୟାୟାଧିକରଣଙ୍କ ସମ୍ମୁଖରେ ନିଜର ପକ୍ଷ ଉପସ୍ଥାପନ କରିବା ପାଇଁ ଆପଣଙ୍କୁ ନିର୍ଦ୍ଦେଶ ଦିଆଯାଉଛି।
ନୋଟିସ ଦିଆଯାଉଛି ଯେ, ଏଥିରେ ଖିଲାପ କରାଗଲେ ଆପଣଙ୍କ ଅନୁପସ୍ଥିତିରେ ଓଏ'ର ଶୁଣାଣି ଓ ଫଇସଲା କରାଯିବ।
ମୋ ଦସ୍ତଖତ ଓ ଏହି ନ୍ୟାୟାଧିକରଣଙ୍କ ମୋହର ଅଧୀନରେ ଅଦ୍ୟ 19 ଡିସେମ୍ବର, 2024 ରେ ପ୍ରଦତ୍ତ।
(ନିଖିଳ ରଞ୍ଜନ ପତି)
ନିବନ୍ଧକ

**ODISHA HYDRO POWER CORPORATION LTD.**
**(A Gold Rated State PSU)**
O/O Sr. GENERAL MANAGER, Rengali Hydro Electric Project, Rengali
P.O : RENGALI DAM SITE, DIST : ANGUL (ODISHA) INDIA, PIN : 759105
TEL : 06760-266031, Email : sgmel500@gmail.com
No.OHPC : RHEP/TW/PUR-III-146/8950 /Date : 27.12.2024
**TENDER CALL NOTICE No. 39/2024-25**
**No.CAD-2027** : Sealed Tenders are invited in two part i.e (i) Techno Commercial bid & (ii) Price bid in separate sealed envelopes from the reputed manufacturers of Power Transformer for the work as mentioned below.

| Description of Materials / Services | Cost of tender paper (Non-refundable) in Rs. | EMD (Refundable) | Period of availability of tender at OHPC website (Sale) | Last date & Time of receipt of Tender | Date & Time of opening of Techno Commercial bid |
|---|---|---|---|---|---|
| Supply, Installation, Testing & Commissioning of one no. 20 MVA, 220/33 KV Station Service Transformer for RHEP, Rengali | Rs. 11,800/- (Rs. 10,000/- + GST@18%) | Rs. 4,99,270.00 | From Dt. 08.01.2025 to Dt. 06.02.2025 (Up to 04:00 P.M.) | Up to 04:30 P.M. Dt. 06.02.2025 | At 05:00 P.M. Dt. 06.02.2025 |

For details of the tender documents, terms and conditions please visit our website www.ohpcltd.com.
OIPR-04022/11/0039/2425 Sd./- Unit Head, RHEP, Rengali

